ଧରିତ୍ରୀ
DHARITRI
April 10-16, 2022 ₹ 2/-

ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

# ମହାବିଷୁବ ସଂକ୍ରାନ୍ତି

ଓଡ଼ିଆ ପାଞ୍ଜି ଅନୁଯାୟୀ ବୈଶାଖ ମାସର ସଂକ୍ରାନ୍ତିକୁ ମହାବିଷୁବ ସଂକ୍ରାନ୍ତି କୁହାଯାଏ। ଏହି ପବିତ୍ର ଦିନଟି ବର୍ଷର ପ୍ରଥମ ମାସର ପହିଲା ଦିନ ହୋଇଥିବାରୁ ଓଡ଼ିଶାରେ ଏହାକୁ 'ଓଡ଼ିଆ ନବବର୍ଷ' ଭାବେ ସମସ୍ତେ ପାଳିଥାନ୍ତି। ପାରିବାରିକ, ସାମାଜିକ ତଥା ଆଧ୍ୟାତ୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରୁଥିବା ଏହି ପବିତ୍ର ମହାବିଷୁବ ସଂକ୍ରାନ୍ତିର ରହିଛି ଅନେକ ମାହାତ୍ମ୍ୟ ...



# ମୁଖ୍ୟ ଦ୍ୱାରରେ ଶୁଭ କଳସ ରଖୁଥିଲେ

କୁହାଯାଏ, ଘରୁ ବାହାରିବା ସମୟରେ ଶୁଭ କଳସ ବା ଜଳପୂର୍ଣ୍ଣ କୁମ୍ଭ ଦେଖିକି ଗଲେ କାର୍ଯ୍ୟସିଦ୍ଧି ହୋଇଥାଏ। ସେଥିପାଇଁ ଅନେକେ ଘରର ମୁଖ୍ୟଦ୍ୱାର ନିକଟରେ ଶୁଭ କଳସ ରଖିଥାନ୍ତି। ତେବେ ଏହି ଶୁଭ କଳସ ରଖିବାକୁ ନେଇ ମଧ୍ୟ କିଛିଟା ନିୟମ ରହିଛି, ଯେମିତିକି:



*ମୁଖ୍ୟ ଦ୍ୱାରର ବାମପଟେ ଶୁଭ କଳସ ରଖିବା ଅତ୍ୟନ୍ତ ଭଲ ହୋଇଥାଏ। ଆବଶ୍ୟକ ସ୍ଥଳେ ଆପଣ ଚାହିଁଲେ ଏହାକୁ ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ମଧ୍ୟ ରଖିପାରିବେ। କିନ୍ତୁ ସମ୍ମୁଖରେ ରଖିଲେ ଭୁଲ୍‌ରେ କାହାର ଗୋଡ ବାଜିଯିବାର ସମ୍ଭାବନା ଥାଏ। ତେଣୁ ନିଜର ସୁବିଧା ଅନୁଯାୟୀ ଶୁଭ କଳସକୁ ଦ୍ୱାରର ଯେଉଁଠି ଚାହିଁବେ ସେଠି ରଖିପାରିବେ। କିନ୍ତୁ ଧ୍ୟାନ ଦେବେ ଘରକୁ ଯିବାଆସିବା ସମୟରେ ଯେମିତି ଶୁଭକଳସ ଉପରେ ସମସ୍ତଙ୍କର ନଜର ପଡିପାରୁଥିବ।

*ଯଦି ଆପଣଙ୍କ ମୁଖ୍ୟ ଦ୍ୱାରର କାନ୍ଥକୁ ଲାଗି ଚଉରା ରହିଛି, ତା'ହେଲେ ଉକ୍ତ ଚଉରାର ମଣ୍ଡପ ଉପରେ ଆପଣ ଏହି ଶୁଭ କଳସକୁ ମଧ୍ୟ ରଖିପାରିବେ।

*ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେବେ, ତା'ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ। ଆଉ ତା'ପରେ ମୁଖ୍ୟ ଦ୍ୱାର ନିକଟରେ ଶୁଭ କଳସକୁ ସ୍ଥାପନା କରି ଘର ଠାକୁରଙ୍କୁ ପୂଜା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

*ଯଦି ସୂର୍ଯ୍ୟୋଦୟ ପୂର୍ବରୁ ଶୁଭ କଳସ ବସାଇବା ସମ୍ଭବ ହେଉନାହିଁ ତା'ହେଲେ ସକାଳର ପ୍ରଥମ ପ୍ରହର ଅର୍ଥାତ୍ ସକାଳ ୯ଟା ଭିତରେ ଶୁଭ କଳସ ବସାଇବା ନିହାତି ଆବଶ୍ୟକ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୧୦-୧୬

**ମେଷ**
କର୍ମକ୍ଷେତ୍ରରେ ସ୍ଥାନାନ୍ତର, ମାନସିକ ଅସ୍ଥିରତା, ଯାତ୍ରାରେ ପ୍ରତିବନ୍ଧକ, ପରିବର୍ତ୍ତିତ ଜୀବନଶୈଳୀ, ପାରିବାରିକ ସୌହାର୍ଦ୍ଧ୍ୟ, ଦୃଢୀଭୂତ ସାମାଜିକ ସ୍ଥିତି, ସହକର୍ମୀଙ୍କ ସହଯୋଗ, ଖର୍ଚ୍ଚଭାର ଯୋଗୁଁ ଚିନ୍ତା।

**ବୃଷ**
ବିଳମ୍ବିତ କାର୍ଯ୍ୟରୁ ଭର୍ତ୍ସନା, ଧନହାନୀରୁ ମନସ୍ତାପ, ପଡୋଶୀଙ୍କ ସାନ୍ତ୍ୱନା, ବିବାଦରେ ଜୟଯୁକ୍ତ, ମାଙ୍ଗଳିକ କାର୍ଯ୍ୟାରମ୍ଭ, ମନୋରଞ୍ଜନର ମଉକା, ମାମଲାର ସମାଧାନ।

**ମିଥୁନ**
ଆଶାବାଦୀ ହେବେ, ନୂତନ ଯୋଜନାରମ୍ଭ, ଅଭାବ ଦୂର ହେବ, ସୁସ୍ଥ ମାନସିକତା, ବନ୍ଧୁଙ୍କ ସହାନୁଭୂତି, ମନ ହାଲୁକା ରହିବ, ରାଜନୀତିରେ ବିତର୍କ, ପବ୍ଲିକେଶନରେ ସମସ୍ୟା, ବନ୍ଧୁଙ୍କ ପ୍ରତିବାଦ, ପରିସ୍ଥିତି ଜଟିଳ ହୋଇପାରେ।

**କର୍କଟ**
ସମୟାନୁବର୍ତ୍ତିତାରୁ ପ୍ରଶଂସା, ସାମାଜିକ ସମ୍ମାନ, ବନ୍ଧୁସମ୍ପର୍କରେ ଭଟ୍ଟା, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଶାନ୍ତି, ପରିସ୍ଥିତି ବିଗିଡିବ, ଉପରିସ୍ଥଙ୍କ ଆଶ୍ୱାସନା, ଦର୍ଶନୀୟ ସ୍ଥାନ ଭ୍ରମଣ, ସଭାସମିତିରେ ପ୍ରଶଂସା।

**ସିଂହ**
କୌଶଳରେ କାମ ହାସଲ, ଆର୍ଥିକ ଅଭିବୃଦ୍ଧି, ଉଠାପକା କର୍ମକ୍ଷେତ୍ର, ଶାନ୍ତ ବାତାବରଣ, ଶତ୍ରୁତାର ସମାଧାନ, ସଭାସମିତିରେ ଯୋଗଦାନ, ବନ୍ଧୁଙ୍କ ସହ ସୁସମ୍ପର୍କ, ଆତ୍ମସମ୍ମାନକୁ ଗୁରୁତ୍ୱ ଦେବେ, ଅପବାଦ, ଚଳଚ୍ଚିତ୍ରାଦିରେ ସମସ୍ୟା।

**କନ୍ୟା**
ଦୁଃଖଦ ଅନୁଭୂତି, ସାମୟିକ ଅବସାଦ, ବୁଦ୍ଧିଜିବୀ ମାନଙ୍କ ସାନ୍ନିଧ୍ୟ, ପାରିବାରିକ ଅଶାନ୍ତି, ଶିଳ୍ପ ବାଣିଜ୍ୟରେ ଉନ୍ନତି, ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ, ମାନସିକ ଚାପ ବୃଦ୍ଧି, ଅସମର୍ଥିତ ମିଥ୍ୟାରୋପ।

**ତୁଳା**
ଆନୁସଙ୍ଗିକ ସୁବିଧାପ୍ରାପ୍ତି, ଦୁଃଶ୍ଚିନ୍ତା ଦୂର ହେବ, ଅର୍ନ୍ତଦ୍ୱନ୍ଦ୍ୱର ଅବସାନ, ଅଦାଲତକୁ ଦୌଡିପାରନ୍ତି, ହୋଟେଲ ଶିଳ୍ପରେ ଉନ୍ନତି, ଜମିଜମା ରେଜିଷ୍ଟ୍ରେସନ୍, ସଭାସମିତିରେ ସହଯୋଗ, ସମ୍ପର୍କୀୟଙ୍କ ଅସହଯୋଗ।

**ବିଛା**
ସୁବିଧାରେ କାମ ହାସଲ, ସ୍ମରଣୀୟ ସପ୍ତାହ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଶୁଭଖବର ପ୍ରାପ୍ତି, ସମସ୍ୟା ସମାଧାନ, କର୍ମକ୍ଳାନ୍ତିରୁ ଅବସାଦ, ଅତୀତ ଚିନ୍ତାରୁ ମନସ୍ତାପ, ଯାତ୍ରାରେ ବିଳମ୍ବ, ଋଣ ପରିଶୋଧ କରିବେ।

**ଧନୁ**
ଉପରିସ୍ଥଙ୍କ ସାହାଯ୍ୟ ପ୍ରତିଶ୍ରୁତି, ବନ୍ଧୁଙ୍କ ନାସ୍ତିବାଣୀ, ପାରିବାରିକ ବ୍ୟତିକ୍ରମ, ଆଲୋଚନାରେ ନିର୍ଣ୍ଣାୟକ ଭୂମିକା, ସ୍ୱାସ୍ଥ୍ୟଗତ ସମସ୍ୟା। ନୂତନ ଯୋଜନାରମ୍ଭ, ବିଜାତୀୟ ବନ୍ଧୁଙ୍କ ସାହାଯ୍ୟ, ଯୋଗଶିକ୍ଷାରେ ରୁଚି, ରେଷ୍ଟୁରାଣ୍ଟରେ ସମସ୍ୟା।

**ମକର**
ବନ୍ଧୁକଥାରେ ପ୍ରଭାବିତ, ଭୁଲ କାମ କରିପାରନ୍ତି, ଅପନିନ୍ଦା ପାଇବେ, ସୁଯୋଗ ହରାଇପାରନ୍ତି, ଅତିଥିଙ୍କ ଅଭ୍ୟର୍ଥନା, ଅବଶୋଷ ମେଣ୍ଟିଯିବ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ସାହାଯ୍ୟ ପ୍ରତିଶୃତି ପାଇବେ।

**କୁମ୍ଭ**
ନୂତନ ପ୍ରକଳ୍ପାରମ୍ଭ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ମାନସିକ ଚାପ କମିବ, ନୂଆ ସମ୍ପର୍କ ଗଢିବେ, ଯାନବାହନରେ ତ୍ରୁଟି, ବିଦେଶସ୍ଥ ସନ୍ତାନଙ୍କ ସମସ୍ୟା, କଚେରୀ ମାମଲାରେ ବାଇଦା, ଅର୍ଥନୈତିକ ସମସ୍ୟା, ଅସୁସ୍ଥତା ଅନୁଭବ କରିବେ।

**ମୀନ**
ସମସ୍ୟାର ସମାଧାନ, ସହକର୍ମୀଙ୍କ ଉଦାରତା, ନୂଆ ସଂପର୍କ ଯୋଡିବେ, କୌଶଳ କାମକୁ ଆସିବନି, ଅଫିସ୍ କାମରେ ଅବହେଳା, ଧୈର୍ଯ୍ୟଚ୍ୟୁତି ଘଟିପାରେ, ଅନୁସନ୍ଧାନ ଅଟକିଯିବ, ଅଶୌଚ ଖବର, ବ୍ୟବସାୟିକ ଉତ୍କର୍ଷ।

# ଉପକାରୀ ଅଁଳା ଗଛ

ଅଁଳା ଗଛ ଏକ ପବିତ୍ର ଗଛ ଏବଂ ଏହି ଗଛରେ ଭରି ରହିଥାଏ ଅନେକ ଔଷଧୀୟ ଗୁଣ। ଆଧ୍ୟାତ୍ମିକ ମତରେ ପ୍ରତିଦିନ ସ୍ନାନ ସାରି ଅଁଳା ଗଛ ମୂଳରେ ଜଳ ଅର୍ପଣ କଲେ ପ୍ରଭୁ କୃପା ଲାଭ ହେବା ସହ ମା' ଲକ୍ଷ୍ମୀ ବି ପ୍ରସନ୍ନ ହୋଇଥାନ୍ତି। ଆଉ ତାଙ୍କରି ଆଶୀର୍ବାଦରୁ ବ୍ୟକ୍ତିଙ୍କର ଉନ୍ନତି ହେବା ସଙ୍ଗେସଙ୍ଗେ ପରିବାରର ଦୁଃଖ ଦୁର୍ଦ୍ଦଶା ମଧ୍ୟ ଦୂରେଇ ଯାଇଥାଏ। ଅନ୍ୟପକ୍ଷେ ଅଁଳାର ଔଷଧୀୟ ଗୁଣକୁ ତର୍ଜମା କଲେ ଜଣାଯାଏ, ଏହାର ସେବନ ଦ୍ୱାରା ଦୃଷ୍ଟିଶକ୍ତି ପ୍ରଖର ହୋଇଥାଏ। ସେହିପରି ପାଚନ କ୍ରିୟାକୁ ସକ୍ରିୟ କରିବାରେ ବି ଅଁଳାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସ୍ମରଣଶକ୍ତିକୁ ତ୍ୱରାନ୍ୱିତ କରିବାରେ ବି ଏହା ଖୁବ୍ ଉପକାରୀ ହୋଇଥାଏ। ବାସ୍ତୁଶାସ୍ତ୍ର ମତରେ, ଘରର ଉତ୍ତର ଦିଗରେ ଅଁଳା ଗଛ ଲଗାଇ ତାହାକୁ ପୂଜାକଲେ ନିଜର ସ୍ମୃତିଶକ୍ତି ପ୍ରଖର ହେବା ସହ ନିଜ ସନ୍ତାନମାନଙ୍କର ମଧ୍ୟ ମଙ୍ଗଳ ହୋଇଥାଏ। ଏପରିକି ଘର ମଧ୍ୟକୁ କୌଣସି ନକରାତ୍ମକ



ଶକ୍ତି ପ୍ରବେଶ କରିପାରେ ନାହିଁ। ସେହିପରି କୁହାଯାଏ, ଘରର ଉତ୍ତର ଦିଗରେ ଯଦି କୌଣସି ବାସ୍ତୁଦୋଷ ଥାଏ, ତା'ହେଲେ ଏହି ଦିଗରେ ଅଁଳା ଗଛ ଲଗାଇଲେ ତାହା ଆପେ ଆପେ ଠିକ୍ ହୋଇଯାଇଥାଏ। କିନ୍ତୁ ଏହି ଗଛକୁ ଘରର ଖୁବ୍ ନିକଟରେ ନ ଲଗାଇ ଘରଠୁ ଟିକେ ଛାଡିକି ଲଗାଇବା ଭଲ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

# ପାଠକୀୟ

* ଓଡ଼ିଆଙ୍କ ପ୍ରିୟ ପଣା କେବଳ ଏକ ପାନୀୟ ନୁହେଁ। କେବେ ଏହା ଧାର୍ମିକ ଭାବନା ସହ ଜଡିତ ତ କେବେ ସାଜେ ତୃଷା ନିବାରକ, ଶକ୍ତି ପ୍ରଦାୟକ। ଆଉ ସ୍ୱାସ୍ଥ୍ୟ ପାଇଁ ତ ଏହା ଅମୃତ ତୁଲ୍ୟ। ତେଣୁ ଏଭଳି ଏକ ସ୍ୱାସ୍ଥ୍ୟପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପଣା' ଏକ ସୁନ୍ଦର ଆଲେଖ୍ୟ ଥିଲା। 'ବାସ୍ତୁ ଅନୁସାରେ ଶୌଚାଳୟ' ଏବଂ 'ତରଭୁଜର ଉପକାରିତା' ଆଦି ପାଠରୁ ଅନେକ ଅଜଣା କଥା ଜାଣିହେଲା। *–ଅଶୋକ ପ୍ରଧାନ, ଚମ୍ପୁଆ, କେନ୍ଦୁଝର*

*ଏଥରର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ପଣା' ଏକ ସମୟୋପଯୋଗୀ ତଥା ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ଏଥିରୁ ପଣାର ପ୍ରକାରଭେଦ ଓ ତାହାର ଉପକାରିତା ଏବଂ ଠାକୁରଙ୍କ ପାଖେ କିଭଳି ପଣା ଭୋଗ କରାଯାଏ, ସେ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଡେନିମ୍ ଶର୍ଟ୍ସ ଫ୍ୟାଶନ ସମ୍ପର୍କରେ ବହୁ ଜରୁରୀ କଥା ଜାଣିହେଲା।
*–ସାଗର ମହାନ୍ତି, ବିଶୋଇ, ମୟୂରଭଞ୍ଜ*

*ବ୍ୟକ୍ତିତ୍ୱ ପୃଷ୍ଠାରୁ ସାଇକେଲ୍ ରାଣୀ ମିନତି ମହାପାତ୍ରଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ସମ୍ପର୍କରେ ବହୁ ଅଜଣା କଥା ଜାଣି ଉତ୍ସାହିତ ହୋଇଥିଲି। ସେହିପରି ଫଗୁଣକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ସୃଜନ ପୃଷ୍ଠାର ସମସ୍ତ କବିତାଗୁଡ଼ିକ ବେଶ୍ ଉଚ୍ଚକୋଟୀର ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାଟି ମଧ୍ୟ ଖୁବ୍ ଆକର୍ଷଣୀୟ ଥିଲା। ବିଶେଷକରି ଏଥିରେ ସ୍ଥାନିତ ଆଲିଆ ଭଟ୍ଟଙ୍କର ଫଟୋ ଅତି ଚମତ୍କାର ଦେଖାଯାଉଥିଲା।
*–ତମନ୍ନା ସ୍ୱାଇଁ, ସାକ୍ଷୀଗୋପାଳ, ପୁରୀ*

*ତହସିଲଦାର ଓ ସାହିତ୍ୟିକା ପଲ୍ଲବୀ ନାୟକଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ସାଥୀର ସମସ୍ତ ଉତ୍ତରଗୁଡ଼ିକ ବି ବେଶ୍ ମନଛୁଆଁ ଲାଗୁଥିଲା। କଳା କାରିଗର ସଞ୍ଜୟଙ୍କର ସୃଜନଶୀଳତା ବିଷୟରେ ବହୁ କଥା ଜାଣିବାକୁ ମିଳିଲା ଏଥରର ଛୁଟିଦିନରୁ; ଯାହା ବେଶ୍ ପ୍ରେରଣାଦାୟୀ ଥିଲା। ଅନ୍ୟପକ୍ଷେ ମଡେଲ୍ ମିରର୍‌ରେ ସୁନୀତା ବେଶ୍ ସୁନ୍ଦରୀ ଲାଗୁଥିଲେ। *–ଅଶୋକ ବରାଳ, ଆଳି, କେନ୍ଦ୍ରାପଡ଼ା*

*ଧାର୍ମିକସ୍ଥଳୀ ଧର୍ମଶାଳା ସମ୍ପର୍କରେ ସହରପୃଷ୍ଠାରୁ ପଢି ବହୁ ଅଜଣା କଥା ଜାଣିହେଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ଦେହସାରା ପତାକା ଟାଟୁ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କ୍ୟାଟ୍ କିଣ୍ଡରଗାର୍ଟେନ', 'ଦୃଷ୍ଟିହୀନା ଫଟୋଗ୍ରାଫର' ଏବଂ 'ବୟସ ୧୦, ମାସିକ ରୋଜଗାର ୧ କୋଟି' ଆଦି ପାଠଗୁଡ଼ିକ ଖୁବ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ଏଥରର ଚିନ୍ମୟ ଚିନ୍ତନ 'କର୍ମ' ସହିତ 'ଯୋଗ'କୁ ଯୋଗ କଲେ ନାମକ ଆଲେଖ୍ୟଟି ଖୁବ୍ ଶିକ୍ଷଣୀୟ ହୋଇପାରିଥିଲା।
*–ସ୍ୱପ୍ନା ସୁବୁଦ୍ଧି, ଭବାନୀପାଟଣା*

## ବିଶେଷ ଚିଠି


ପତ୍ରିକା ମଧ୍ୟେ ତୁମେ ସାର
ଛୁଟିଦିନ ଅଟେ ନାମଟି ତୁମର।
ଷୋହଳ ପୃଷ୍ଠାରେ ତୁମେ ଆସ
ନେଇ କେତେ ହାସ୍ୟରସ।
ସଭିଏଁ କରନ୍ତି ତୁମକୁ ଆଦର
କରିଥାନ୍ତି ତୁମର ଜୟ ଜୟକାର।
ହେ ମୋର ପ୍ରିୟ ଛୁଟିଦିନ
କାସ୍ ତୁମେ ଆସୁଥାନ୍ତ କି ପ୍ରତିଦିନ।
*–ସୂର୍ଯ୍ୟମୟୀ ସେନାପତି, ଫୁଲନଖରା, କଟକ*




ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମହାବିଷୁବ ସଂକ୍ରାନ୍ତି





**ଓଡ଼ିଆ ପାଞ୍ଜି ଅନୁଯାୟୀ ବୈଶାଖ ମାସର ସଂକ୍ରାନ୍ତିକୁ ମହାବିଷୁବ ସଂକ୍ରାନ୍ତି କୁହାଯାଏ। ଏହି ପବିତ୍ର ଦିନଟି ବର୍ଷର ପ୍ରଥମ ମାସର ପହିଲା ଦିନ ହୋଇଥିବାରୁ ଓଡ଼ିଶାରେ ଏହାକୁ 'ଓଡ଼ିଆ ନବବର୍ଷ' ଭାବେ ସମସ୍ତେ ପାଳିଥାନ୍ତି। ଏହି ବିଶେଷ ଦିନରେ ମହାବୀର ହନୁମାନ ଜନ୍ମଗ୍ରହଣ କରିଥିବାରୁ ଏହି ଦିନ ହନୁମାନ ଜୟନ୍ତୀ ମଧ୍ୟ ପାଳନ କରାଯାଇଥାଏ। ପାରିବାରିକ, ସାମାଜିକ ତଥା ଆଧ୍ୟାତ୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରୁଥିବା ଏହି ପବିତ୍ର ମହାବିଷୁବ ସଂକ୍ରାନ୍ତିର ମାହାତ୍ମ୍ୟକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

ଗୋବିଜ୍ଞାନ ଓ ଗୋ-ଆଧାରିତ କୃଷି ପ୍ରଶିକ୍ଷକ ସ୍ୱାମୀ ନିର୍ମଳାନନ୍ଦ ଗିରିଙ୍କ ମତରେ, ପ୍ରତିପଦାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ମାସକୁ ଚାନ୍ଦ୍ରମାସ ଏବଂ ସଂକ୍ରାନ୍ତିଠାରୁ ମାସାନ୍ତ ପର୍ଯ୍ୟନ୍ତ ମାସକୁ ସୌରମାସ କୁହାଯାଏ। ଠିକ୍ ସେହିପରି ପୂର୍ଣ୍ଣିମା ଅନୁସାରେ ଚନ୍ଦ୍ରବର୍ଷ ଓ ସଂକ୍ରାନ୍ତି ଅନୁସାରେ ସୌରବର୍ଷ ଗଣନା କରାଯାଏ। ସୌର ଗଣନା ଅନୁସାରେ ସୂର୍ଯ୍ୟ ଗୋଟିଏ ରାଶିରେ ଗୋଟିଏ ମାସ ଅବସ୍ଥାନ କରିଥାନ୍ତି। ତା'ପରେ ଅନ୍ୟ ରାଶିକୁ ଗମନ କରନ୍ତି। ସୂର୍ଯ୍ୟ ଯେଉଁ ଦିନ ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଗମନ କରନ୍ତି ତାହାକୁ ସଂକ୍ରାନ୍ତି କୁହାଯାଇଥାଏ। ଓଡ଼ିଆ ପାଞ୍ଜି ହିସାବରେ ମହାବିଷୁବ ସଂକ୍ରାନ୍ତି ହେଉଛି ବର୍ଷର ପ୍ରଥମ ସଂକ୍ରାନ୍ତି। ଏହି ସମୟରେ ସୂର୍ଯ୍ୟ ବିଷୁବରେଖା ଉପରେ ଅବସ୍ଥାନ କରୁଥିବାରୁ ଏହାକୁ ମହାବିଷୁବ ସଂକ୍ରାନ୍ତି କୁହାଯାଇଥାଏ। ସେହିପରି ଏହି ସମୟରେ ସୂର୍ଯ୍ୟ ମେଷ ରାଶିରେ ଥିବାରୁ ଏହାକୁ ମେଷ ସଂକ୍ରାନ୍ତି ବୋଲି ବି କୁହାଯାଏ। ଏହି ଦିନଠାରୁ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥାଏ ଏବଂ ସୂର୍ଯ୍ୟଙ୍କର କିରଣ ମଧ୍ୟ ପ୍ରଖର ହୁଏ।

**ଓଡ଼ିଆ ନବବର୍ଷ:** ଏହି ପବିତ୍ର ଦିନଟି ବର୍ଷର ପ୍ରଥମ ମାସର ପ୍ରଥମ ଦିନ ହୋଇଥିବାରୁ ଏହାକୁ ଓଡ଼ିଶାରେ 'ଓଡ଼ିଆ ନବବର୍ଷ' ଭାବେ ପାଳନ କରାଯାଇଥାଏ। ବଙ୍ଗଳାରେ ଏହାକୁ ପହିଲା ବୈଶାଖ, ପଞ୍ଜାବରେ ବୈଶାଖୀ, କେରଳରେ ବିଷୁ, ଆସାମରେ ବୋହାଗ ବିହୁ ବା ରଙ୍ଗାଲି ବିହୁ ଇତ୍ୟାଦି ନାମରେ ଏହି ଦିନଟି ପାଳିତ ହୋଇଥାଏ।

**ହନୁମାନ ଜୟନ୍ତୀ:** ଏହି ବିଶେଷ ଦିନରେ ମହାବୀର ହନୁମାନ ଜନ୍ମଗ୍ରହଣ କରିଥିଲେ ବୋଲି ସୂଚନା ରହିଛି ; ତେଣୁ ଏହିଦିନ ଲୋକେ ହନୁମାନ ଜୟନ୍ତୀ ପାଳନ କରିଥାନ୍ତି। ଏହିଦିନ ବିଭିନ୍ନ ସ୍ଥାନରେ ଥିବା ହନୁମାନ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ହନୁମାନ ଚାଳିଶା ପାଠ କରାଯାଇଥାଏ।

**ପଣାସଂକ୍ରାନ୍ତି:** ମହାବିଷୁବ ସଂକ୍ରାନ୍ତି ଏକ ବିଶେଷ ପର୍ବ। ଏହିଦିନ ଓଡ଼ିଶାର ବିଭିନ୍ନ ସ୍ଥାନରେ ହୋମ, ଯଜ୍ଞ, ପୂଜା ଆଦି ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ମଧ୍ୟ ବିଶେଷ ନୀତିମାନ ସମ୍ପନ୍ନ ହୁଏ। ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଏବଂ ମନ୍ଦିରରେ ପୂଜା ଓ ଭୋଗ କରାଯାଏ। ଘରେ ଘରେ ପଣା ଭୋଗ ହୁଏ। ଏହିଦିନ ପଣା ଭୋଗ କଲେ ଭଗବାନ ପ୍ରସନ୍ନ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଏହାକୁ ପଣାସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଇଥାଏ। ପଣା ତ ଅନେକ ପ୍ରକାରର ଅଛି। କିନ୍ତୁ ଏହି ସମୟର ଋତୁକାଳୀନ ଫଳ ହେଉଛି ବେଲ। ତେଣୁ ଅନେକେ ବେଲପଣା କରନ୍ତି। ବେଲପଣା ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅତି ଉତ୍ତମ। ଏହା ଗ୍ରୀଷ୍ମରେ ଶରୀରକୁ ଶୀତଳତା ପ୍ରଦାନ କରିଥାଏ। ଏତଦ୍‌ବ୍ୟତୀତ କେହି କେହି ପଣାରେ କ୍ଷୀର ବା ଦହି, ଛେନା, କଦଳୀ, ନଡ଼ିଆ, ଗୁଡ଼ ବା ଚିନି, ନବାତ, ଗୋଲମରିଚ ଆଦି ମଧ୍ୟ ବ୍ୟବହାର କରିଥାନ୍ତି। ଏପରିକି କେହି କେହି ଛତୁଆ ମଧ୍ୟ ମିଶାଇଥାନ୍ତି। ତେବେ ପଣାରେ ପ୍ରୟୋଗ କରାଯାଉଥିବା ପ୍ରତିଟି ଦ୍ରବ୍ୟର କିଛି ନା କିଛି ଔଷଧୀୟ ଗୁଣ ନିଶ୍ଚୟ ରହିଥାଏ ଏଥିରେ ସନ୍ଦେହ ନାହିଁ।

**ତୁଳସୀ ଚଉରାରେ ଠେକି:** ଏହି ପବିତ୍ର ସଂକ୍ରାନ୍ତିରେ ତୁଳସୀ ଚଉରା ଉପରେ ଛାମୁଡ଼ିଆ କରି ଠେକି (ମାଟି ଘଡ଼ି) ବନ୍ଧାଯିବାର ଏକ ନିୟମ ରହିଛି। ଉକ୍ତ ମାଟି ଘଡ଼ିର ନିମ୍ନଭାଗରେ ଏକ ସରୁକଣା କରି ତା'ମଧ୍ୟରେ କୁଶ ବା ଦୂବ ରଖି ତାହାକୁ ଚଉରା ଉପରେ ଟାଙ୍ଗି ଦିଆଯାଏ। ଏକମାସ ପର୍ଯ୍ୟନ୍ତ ସେହି ଠେକିଟି ସେମିତି ଚଉରା ଉପରେ ଟଙ୍ଗା ହୋଇଥାଏ। ପଣା ସଂକ୍ରାନ୍ତି ଦିନ ଏଥିରେ ପଣା ଦିଆଯାଇଥାଏ ବାକି ଅନ୍ୟ ଦିନଗୁଡ଼ିକରେ ଏଥିରେ ଶୁଦ୍ଧଜଳ ରଖାଯାଇଥାଏ। ଯଦ୍ଦ୍ୱାରା ସେଥିରୁ ବିନ୍ଦୁ ବିନ୍ଦୁ ହୋଇ ପାଣି ତୁଳସୀ ଚଉରା ଉପରେ ପଡିଥାଏ। ବୃକ୍ଷଜଗତ ଓ ଜୀବଜଗତକୁ ସୂର୍ଯ୍ୟଙ୍କ ତାପରୁ ରକ୍ଷାକରିବା ହେଉଛି ଏହି ପ୍ରଥାର ମୁଖ୍ୟ ଉଦ୍ଦେଶ୍ୟ। ସେଥିପାଇଁ ତ ଏହିଦିନରୁ ବିଭିନ୍ନ ମନ୍ଦିର, ତୀର୍ଥସ୍ଥାନ, ରାସ୍ତାଘାଟରେ ପଣା ବଣ୍ଟାଯାଇଥାଏ ଏବଂ ଜଳଛତ୍ର ମଧ୍ୟ ଖୋଲାଯାଇଥାଏ। ଏପରିକି ଗୋରୁ ତଥା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପିଇବା ପାଇଁ ସ୍ଥାନେ ସ୍ଥାନେ ମାଟିହାଣ୍ଡି ବା ସିମେଣ୍ଟ କୁଣ୍ଡମାନ ବସାଯାଇ ଜଳପୂର୍ଣ୍ଣ କରି ରଖାଯାଇଥାଏ।




**ଝାମୁଯାତ୍ରା:** ଏହି ସମୟରେ ବିଭିନ୍ନ ଠାକୁରାଣୀ ମନ୍ଦିରରେ ଝାମୁଯାତ୍ରା ପାଳନ କରାଯାଇଥାଏ। ଆଉ ପଣାସଂକ୍ରାନ୍ତି ଦିନ ହିଁ ଝାମୁ ବ୍ରତର ଉଦ୍‌ଯାପନ ହୋଇଥାଏ। ଅନେକ ବ୍ୟକ୍ତି ପୂର୍ବରୁ ରୋଗମୁକ୍ତି ପାଇଁ ହେଉ ଅବା ଅନ୍ୟ କୌଣସି କାରଣ ଲାଗି ହେଉ ପାଟୁଆ ନାଚ, କେହି କେହି ପିଠିରେ କଣ୍ଟା ଫୋଡି ଝୁଲିବା କିମ୍ବା ନିଆଁରେ ଚାଲିବା ଭଳି ମାନସିକ ରଖିଥାନ୍ତି। ରୋଗମୁକ୍ତି ହୋଇଗଲେ କିମ୍ବା ମନସ୍କାମନା ପୂରଣ ହୋଇଗଲେ ବ୍ରତପାଳନକାରୀମାନେ ତାହା ଅବଶ୍ୟ ପାଳନ କରିଥାନ୍ତି। ଏପରି କରିବା ଅତ୍ୟନ୍ତ କଷ୍ଟଦାୟକ ହୋଇଥିଲେ ବି ଲୋକବିଶ୍ୱାସରେ ଏହା ଆଜିବି ଅନେକ ସ୍ଥାନରେ ପାଳନ କରାଯାଉଅଛି।

**ବିଷୁବ ମିଳନ:** ଏହି ପବିତ୍ର ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଷୁବ ମିଳନ ଆୟୋଜିତ ହୋଇଥାଏ। ଏଥିରେ କବି, ଲେଖକ ତଥା ବୁଦ୍ଧିଜୀବୀମାନେ ଏକତ୍ରିତ ହୋଇ କବିତା ପାଠୋତ୍ସବ ତଥା ସାରସ୍ୱତ ଆଲୋଚନା ଚକ୍ରରେ ଭାଗ ନେଇଥାନ୍ତି।

### ମହାବିଷୁବ ସଂକ୍ରାନ୍ତି : କିଛି କଥା

ଆଧ୍ୟାତ୍ମିକ ପ୍ରବକ୍ତା ଶ୍ରୀସନ୍ନ୍ୟାସୀ ଜୀଙ୍କ ମତରେ– ସମସ୍ୟା, ଦରିଦ୍ରତା ବା ଧନର ଅଭାବ ପ୍ରାୟ ସମସ୍ତଙ୍କ ଜୀବନରେ ଥାଏ। କିନ୍ତୁ ଏହି ମହାବିଷୁବ ସଂକ୍ରାନ୍ତି ଅବସରରେ ଯଦି କିଛି ବିଶେଷ କାର୍ଯ୍ୟ କରାଯାଏ ତା'ହେଲେ ଏଭଳି →







ସମସ୍ୟା ଦୂରେଇ ଯାଏ ବୋଲି ବିଶ୍ୱାସ ରହିଛି। ଯେମିତିକି ପଣାସଂକ୍ରାନ୍ତିର ପୂର୍ବଦିନ ସନ୍ଧ୍ୟାରେ ଘର ନିକଟରେ ଥିବା କୌଣସି ବେଲଗଛ ପାଖକୁ ଯାଇ ଧୂପ, ଦୀପ, ନୈବେଦ୍ୟ, ଅରୁଆ ଚାଉଳରେ ଯଥାବିଧି ପୂଜା କରି ଘରକୁ ଫେରିଆସିବେ। ତା'ପରଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ଶୁଦ୍ଧପୂତ ହୋଇ ଉକ୍ତ ବେଲଗଛ ନିକଟକୁ ଯାଇ ଗଛର ଏକ ଚେର ନେଇଆସିବେ। କିନ୍ତୁ ଆଣିଲାବେଳେ ପଛକୁ ଫେରି ଚାହିଁବେ ନାହିଁ। ଏହି ଚେରକୁ ତେଉଁରିଆରେ ଭର୍ତ୍ତି କରି ଦେହରେ ଧାରଣ କଲେ ବହୁ ଦିନରୁ ଲାଗି ରହିଥିବା ସମସ୍ୟା କ୍ରମେ ସୁଧୁରିଯାଏ ବୋଲି ବିଶ୍ୱାସ ରହିଛି। ଏପରିକି ଘରେ ଧନର ଅଭାବ ଦେଖାଯାଉଥିଲେ ତାହା ମଧ୍ୟ ଦୂରେଇ ଯାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ସେହିପରି ପଣାସଂକ୍ରାନ୍ତିଠାରୁ ଅଷ୍ଟ ସଂକ୍ରାନ୍ତି ବ୍ରତ ପାଳନ କରାଯାଇଥାଏ ; ଯାହା ବର୍ଷସାରା ଚାଲେ ଏବଂ ଆଗାମୀ ବର୍ଷ ପଣାସଂକ୍ରାନ୍ତିରେ ତାହାକୁ ଉଦ୍‌ଯାପନ କରାଯାଏ। ଏହି ଅଷ୍ଟ ସଂକ୍ରାନ୍ତି ହେଉଛି ଭୋଗ୍ୟଭାଗ୍ୟ ସଂକ୍ରାନ୍ତି, ରୂପ ସଂକ୍ରାନ୍ତି, ତେଜ ସଂକ୍ରାନ୍ତି, ସୌଭାଗ୍ୟ ସଂକ୍ରାନ୍ତି, ମନୋରଥ ସଂକ୍ରାନ୍ତି, ଅଶୋକ ସଂକ୍ରାନ୍ତି, ଆୟୁ ସଂକ୍ରାନ୍ତି ଏବଂ ଧନ ସଂକ୍ରାନ୍ତି। ଉଦାହରଣ, ଯଦି କୌଣସି ଯୁବତୀ ରୂପବାନ୍ ଯୁବକଙ୍କୁ ପତି ଭାବେ ଗ୍ରହଣ କରିବାକୁ ଚାହୁଁଥାନ୍ତି, ତା'ହେଲେ ସିଏ ଏହି ପଣାସଂକ୍ରାନ୍ତି ଦିନ ରୂପ ସଂକ୍ରାନ୍ତି ବ୍ରତ ଆରମ୍ଭ କରିପାରିବେ। ସେଦିନ ସ୍ନାନାଦି କର୍ମ ସାରି ଯେ କୌଣସି ଧାତୁରେ ସୂର୍ଯ୍ୟଙ୍କର ଏକ ପ୍ରତିମା ଗଢ଼ି ଯୁବତୀ ଜଣକ ଯଦି କୌଣସି ବ୍ରାହ୍ମଣଙ୍କୁ ତାହା ଦାନ କରନ୍ତି ତା'ହେଲେ ତାଙ୍କ ଇଚ୍ଛା ପୂରଣ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏହି କାର୍ଯ୍ୟ ସିଏ ବର୍ଷସାରା ପ୍ରତି ସଂକ୍ରାନ୍ତି ଦିନ କରିବା ଆବଶ୍ୟକ ବୋଲି କୁହାଯାଏ। ସେହିପରି ଯିଏ ଆୟୁଷ ବୃଦ୍ଧି ପାଇଁ ଚାହୁଁଥିବେ ତାଙ୍କୁ ଅନୁରୂପ କାର୍ଯ୍ୟ କରିବାକୁ ହୋଇଥାଏ। ମହାବିଷୁବ ସଂକ୍ରାନ୍ତିକୁ ନେଇ ଏଭଳି ବିଭିନ୍ନ କଥା ରହିଛି।

### ମହାବିଷୁବ ସଂକ୍ରାନ୍ତିକୁ ନେଇ ନିଆରା ପରମ୍ପରା

ଏହି ସମୟରେ ଓଡ଼ିଶାର କେତେକ ସ୍ଥାନରେ କିଛିଟା ନିଆରା ପରମ୍ପରା ପାଳନ କରାଯାଇଥାଏ, ଯେମିତିକି–

**ଘଟଗାଁରେ ସାତଦିନ ବ୍ୟାପୀ କାର୍ଯ୍ୟକ୍ରମ:** କେନ୍ଦୁଝର ଘଟଗାଁ ମା' ତାରିଣୀଙ୍କ ପ୍ରସିଦ୍ଧ ଚଇତି ପର୍ବ ପ୍ରତ୍ୟେକ ବର୍ଷ ଏପ୍ରିଲ ୯ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହୋଇଥାଏ। ମା'ଙ୍କର ଦୁଇଟି ପ୍ରସିଦ୍ଧ ପର୍ବ ମଧ୍ୟରୁ ଏହା ଅନ୍ୟତମ। ଅନ୍ୟ ପର୍ବଟି ହେଉଛି ଆଷାଢ଼ୀ ପର୍ବ। ଏହି ଚଇତି ପର୍ବ ସପ୍ତାହବ୍ୟାପୀ ପାଳନ କରାଯାଇଥାଏ। ଏଣୁ ସାତଦିନ ଧରି ମା'ଙ୍କ ପୀଠ ଉତ୍ସବମୁଖର ହୋଇଉଠେ। ସୂଚନାନୁଯାୟୀ, ଏହି ସମୟରେ ମା'ଙ୍କ ପୀଠରେ ପାଖାପାଖି ଦୁଇଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥାଏ। ଖାସ୍‌କରି ପଣାସଂକ୍ରାନ୍ତି ଦିନ ଏଠାରେ ଅଧିକ ଭିଡ଼ ଜମିଥାଏ। ମା'ଙ୍କ ଦର୍ଶନ କରି ସାନ୍ନିଧ୍ୟ ଲାଭ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ଭକ୍ତଙ୍କ ଆଗମନ ହୋଇଥାଏ । ଏ ନେଇ ମା' ତାରିଣୀ ଟ୍ରଷ୍ଟ ବୋର୍ଡର ସଭାପତି ରାଜେନ୍ଦ୍ର ପଟ୍ଟନାୟକ କୁହନ୍ତି 'ପୂର୍ବରୁ ଏହି ଚଇତିପର୍ବ କେବଳ ପଣାସଂକ୍ରାନ୍ତି ଦିନ ଗୋଟିଏ ଦିନ ପାଇଁ ପାଳିତ ହୋଇ ଆସୁଥିଲା। କିନ୍ତୁ ୧୯୮୫ରୁ ଏହା ୭ ଦିନ ଧରି ପାଳନ କରାଯାଉଅଛି। ଏହି ସମୟରେ ଅନେକ ଭକ୍ତ ମାନସିକ ରଖି ମା'ଙ୍କ ପାଖକୁ ଆସିଥାନ୍ତି। ଆଉ କେତେଜଣ ମାନସିକ ପୂରଣ ହୋଇଥିବାରୁ ମା'ଙ୍କୁ ଧନ୍ୟବାଦ ଦେଇ କରୁଣା ଲାଭ କରିବାକୁ ଆସିଥାନ୍ତି। ଏହି ଚଇତି ପର୍ବରେ ପ୍ରତିଦିନ ମା'ଙ୍କର ସୁନାବେଶ ହେବା ସହ ସକାଳ ଓ ସନ୍ଧ୍ୟା ସମୟରେ ସ୍ୱତନ୍ତ୍ର ଭାବେ ମଙ୍ଗଳଆଳତି, ଭାଗବତ ପାଠ, ଚଣ୍ଡୀପାଠ ଓ ସତ୍ୟନାରାୟଣଙ୍କ ଆହ୍ୱାନ ପୂଜା ବିଧିମୁତାବକ କରାଯାଇଥାଏ। ଏଥିସହିତ ୭ ଦିନ ଧରି ପ୍ରତି ସନ୍ଧ୍ୟାରେ ପ୍ରବଚନ, ଭଜନ, ବାଦୀପାଲା, ମାଜଣା ଆଦି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ। ସେହିପରି ମା'ଙ୍କ ପ୍ରିୟ ଘୋଡ଼ାନାଚ ବି ପରିବେଷଣ କରାଯାଇଥାଏ। ଏପରିକି ମା' ତାରିଣୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରସିଦ୍ଧ ଲୋକ ନୃତ୍ୟ ଦଳଗୁଡ଼ିକୁ ଡକାଇ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଥାଏ। ଭକ୍ତଙ୍କ ଭିଡ଼କୁ ଲକ୍ଷ୍ୟ ରଖି ଉକ୍ତ ଟ୍ରଷ୍ଟ ବୋର୍ଡ ତଥା ଜିଲା ପ୍ରଶାସନ ପକ୍ଷରୁ ମନ୍ଦିର ବେଢ଼ା ଭିତରେ ଓ ବାହାରେ ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଥାଏ। ମା'ଙ୍କ ପୂଜା ଓ ଦର୍ଶନ ପାଇଁ ଭକ୍ତମାନଙ୍କୁ ବହୁ ବାଟ ପର୍ଯ୍ୟନ୍ତ ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥାଏ। ପ୍ରବଳ ଖରା ହେତୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପ୍ରକାରର ସତର୍କତା ପଦକ୍ଷେପ ମଧ୍ୟ ଟ୍ରଷ୍ଟ ବୋର୍ଡ ତରଫରୁ ଗ୍ରହଣ କରାଯାଇଥାଏ। ଆଶୁ ଚିକିତ୍ସା ଶିବିର ସହ ଆମ୍ବୁଲାନ୍ସର ବ୍ୟବସ୍ଥା ବି ରହିଥାଏ। ଭକ୍ତଙ୍କ ସହାୟତା ପାଇଁ ବେଢା ଭିତରେ ଓ ବାହାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମୀମାନେ ମଧ୍ୟ ନିୟୋଜିତ ରହିଥାନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହିତ ଯାନବାହନ ପାର୍କିଂ ପାଇଁ ନିକଟସ୍ଥ ଜଙ୍ଗଲରେ ସୁବ୍ୟବସ୍ଥା ମଧ୍ୟ କରାଯାଇଥାଏ।'


କେବଳ ମା' ତାରିଣୀଙ୍କ ପୀଠରେ ନୁହେଁ କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଅସନାପାଟ ଗାଁରେ ବି ପଣାସଂକ୍ରାନ୍ତି ଅବସରରେ କିଛି ନିଆରା କାର୍ଯ୍ୟକ୍ରମ ହୋଇଥାଏ। ଛଉ ଗ୍ରାମ ଭାବେ ପ୍ରସିଦ୍ଧିଲାଭ କରିଥିବା ଅସନପାଟରେ ଛଉନୃତ୍ୟର ଶୁଭାରମ୍ଭ ଏହି ପଣାସଂକ୍ରାନ୍ତିରେ ହିଁ ହୋଇଥାଏ। ଉକ୍ତ ଗ୍ରାମରେ ଥିବା ଏକାଧିକ ଛଉ ନୃତ୍ୟଦଳ ଏହି ଦିନରେ ଗ୍ରାମର ବିଭିନ୍ନ ମଣ୍ଡପରେ ଛଉନୃତ୍ୟ ପରିବେଷଣ କରିଥାନ୍ତି। ବିଭିନ୍ନ ବିଷୟବସ୍ତୁକୁ ନେଇ ପ୍ରଦର୍ଶିତ ହେଉଥିବା ଏହି ଛଉନୃତ୍ୟ ଦେଖିବାକୁ ଆଖପାଖ ଅଞ୍ଚଳର ଲୋକମାନଙ୍କ ବେଶ୍ ଭିଡ଼ ଜମିଥାଏ ଏଠାରେ। ସେହିପରି କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପୋଇପାଣି ଗ୍ରାମ, ଘଟଗାଁ ବ୍ଲକର ତରା ଗ୍ରାମ ନିକଟସ୍ଥ ବେଢ଼ାପାଳ ଗ୍ରାମ, ଚମ୍ପୁଆ ବ୍ଲକ ଅନ୍ତର୍ଗତ ଜ୍ୟୋତିପୁର ଗ୍ରାମରେ ବି ବେଶ୍ ପାରମ୍ପରିକ ରୀତିନୀତିରେ ପଣାସଂକ୍ରାନ୍ତି ପାଳିତ ହୋଇଥାଏ। ଏହି ଅବସରରେ ମାନସିକଧାରୀ ଭକ୍ତମାନେ ଉପବାସ ରହି ମା'ଙ୍କ ପୂଜାର୍ଚ୍ଚନା କରିବା ସହ ପାରମ୍ପରିକ ଶୈଳୀରେ ନିଜ ଦେହରେ କଣ୍ଟା ଫୋଡି, କଣ୍ଟା ପିଢ଼ାରେ ବସି ଏବଂ ନିଆଁରେ ଚାଲି ନିଜକୁ ବହୁ କଷ୍ଟ ଦେଇ ଦେବଦେବୀଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧା ଅର୍ପଣ କରିଥାନ୍ତି। ଏହି ନିଆରା କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ବିଭିନ୍ନ ଅଞ୍ଚଳରୁ ଆସି ଏଠାରେ ରାତି ଉଜାଗର ରହି ଉପଭୋଗ କରିଥାନ୍ତି ।

**ଆଖଣ୍ଡଳମଣିଙ୍କ ପୀଠରେ ପଣାସଂକ୍ରାନ୍ତି:** ପଣାସଂକ୍ରାନ୍ତିରୁ ବୈଶାଖ ମାସର ଆରମ୍ଭ ହୋଇଥାଏ। ଏହିଦିନରୁ ଗ୍ରୀଷ୍ମ ଋତୁ ଧରାପୃଷ୍ଠକୁ ଅବତରଣ କରୁଥିବାରୁ ବସୁନ୍ଧରା ଉତ୍ତପ୍ତ ରହିଥାଏ। ପ୍ରାଣୀମାନେ ଜଳ ପାଇଁ ଇନ୍ଦ୍ରଦେବତାଙ୍କୁ ଆକୁଳ ନିବେଦନ କରନ୍ତି। ଏଭଳି ସ୍ଥିତିରେ ଭଦ୍ରକ ଜିଲା ଆରଡ଼ିରେ ଥିବା ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଆରମ୍ଭ ହୁଏ ଶୀତଳ ଉପଚାର ନୀତି। ପଣାସଂକ୍ରାନ୍ତି ଦିନ ଓ ମାସର ପ୍ରତ୍ୟେକ ସୋମବାର ଭୋର ସାଢ଼େ ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ବାବାଙ୍କ ପାଖରେ ମଙ୍ଗଳ ଆଳତି କରାଯାଇଥାଏ। ଏହାପରେ ବାବାଙ୍କର ସ୍ନାନକୃତ୍ୟ ସମ୍ପନ୍ନ କରାଯିବା ସହ ପହିଲି ଭୋଗ ସମର୍ପଣ କରାଯାଏ। ତତ୍‌ପରେ ମନ୍ଦିର ବେଢ଼ାରେ ପ୍ରତୀକ୍ଷାରତ ବାରପଡ଼ା ଅଞ୍ଚଳର ଶହ ଶହ ଗୋପାଳ ଶୁଦ୍ଧପୂତ ମନରେ ବୈତରଣୀ ନଦୀରୁ ଆଣିଥିବା ପାଣି ଭାର ନେଇ ମନ୍ଦିର ଗର୍ଭଗୃହକୁ ପ୍ରବେଶ କରନ୍ତି। ସେମାନେ ଆଣିଥିବା ସୁବାସିତ ଜଳକୁ ସେବାୟତମାନେ ବାବାଙ୍କ ମସ୍ତକରେ ଢାଳିଦିଅନ୍ତି। ଏଥିସହିତ ବାବାଙ୍କ ମସ୍ତକ ଉପରେ ରନ୍ଧ୍ରଥିବା ପାଣିଝରରେ ସୁବାସିତ ଜଳ ସେବାୟତମାନେ ପୂର୍ଣ୍ଣକରି ଦିଅନ୍ତି। ଦିନ ତମାମ ସେହି ପାଣି ଝରରୁ ଜଳ ରନ୍ଧ୍ରଦେଇ ବାବାଙ୍କ ମସ୍ତକରେ ପଡିଥାଏ। ବୈଶାଖ ମାସ ସାରା ଏହି ଧାର୍ମିକ ନିଆରା ପରମ୍ପରା ମନ୍ଦିରରେ ଦେଖିବାକୁ ମିଳିଥାଏ।

**ପାଟଣ ମଙ୍ଗଳାଙ୍କ ପୀଠରେ ପଣାସଂକ୍ରାନ୍ତିର ନିଆରା ପରମ୍ପରା:** ପଣାସଂକ୍ରାନ୍ତି ଆସିଲେ ଭଦ୍ରକ ଜିଲା ଘଣ୍ଟେଶ୍ୱର ଅଞ୍ଚଳର ନରେନ୍ଦ୍ରପୁରରେ ଥିବା ମା' ପାଟଣ ମଙ୍ଗଳାଙ୍କ ପୀଠ ହୋଇଉଠେ ଚଳଚଞ୍ଚଳ। ଭକ୍ତମାନଙ୍କର ଅସମ୍ଭବ ଭିଡ଼ ଦେଖିବାକୁ ମିଳେ। ପଣା ସଂକ୍ରାନ୍ତିରେ ଏଠାକାର ବିଶେଷ ଆକର୍ଷଣ ହେଉଛି ମାନସିକଧାରୀ ପାଟୁଆମାନଙ୍କର ପୁଷ୍କରିଣୀରେ ବୁଡ଼ ପକାଇବାର ଦୃଶ୍ୟ। ଏଠାକାର ଏକ ନିଆରା ପରମ୍ପରା ଅନୁସାରେ, ଯେଉଁମାନଙ୍କର ଦୀର୍ଘବର୍ଷ ଧରି ସନ୍ତାନ ହୋଇ ନ ଥାଏ କିମ୍ବା ପୁତ୍ର ଜାତ ହୋଇ ନ ଥାଏ ସେମାନେ ମା'ଙ୍କ ପୀଠରେ ଥିବା ପୁଷ୍କରିଣୀ ନିକଟରେ ଆସି ମାନସିକ ରଖି ବସିଥାନ୍ତି। ସେଠାରେ ମା'ଙ୍କ ନିର୍ଦ୍ଦେଶରେ ଏକ ମାଛ ଆସି କିଛି ଶବ୍ଦ ସୃଷ୍ଟି କରି ଚାଲିଯାଏ। ସ୍ୱଭାଗ୍ୟବଶତଃ ମାଛର ସେହି ଶବ୍ଦକୁ ଶୁଣି ମାନସିକ ରଖି କୂଳରେ ବସିଥିବା ଯଦି କୌଣସି ମହିଳା ପରବର୍ତ୍ତୀ ସମୟରେ ସନ୍ତାନ ଜନ୍ମ କରନ୍ତି, ତା'ହେଲେ ୧୨ ବର୍ଷ ପରେ ସେହି ମହିଳା ପଣାସଂକ୍ରାନ୍ତି ଦିନ ନିଜ ସନ୍ତାନକୁ ନେଇ ମା'ଙ୍କ ପୀଠକୁ ପୁନର୍ବାର ଆସିଥାନ୍ତି। ଆଉ ସେହି ସନ୍ତାନ ପାଟୁଆ ହୋଇ ନିଜ ବାପାମା'ଙ୍କ ସହ ଉକ୍ତ ପୁଷ୍କରିଣୀରେ ବୁଡ଼ ପକାଇଥାନ୍ତି। ଏଥିସହିତ ମା' ପାଟଣ ମଙ୍ଗଳାଙ୍କୁ ପୂଜାକରି ପୁନଃ ୧୨ ବର୍ଷ ଯାଏ ପ୍ରତି ପଣାସଂକ୍ରାନ୍ତିରେ ଆସି ଏହି ପୁଷ୍କରିଣୀରେ ବୁଡ଼ ପକାଇଥାନ୍ତି। ଏହି ପରମ୍ପରା ଆଜକୁ ବହୁ ବର୍ଷ ଧରି ଲୋକବିଶ୍ୱାସରେ ଏଠାରେ ପାଳିତ ହୋଇଆସୁଅଛି।

*–ଅନ୍ୱିତା ମିଶ୍ର*

*ତଥ୍ୟ ସହାୟତା–ନରେଶ ଚନ୍ଦ୍ର ପଟ୍ଟନାୟକ, ଦୀପ୍ତି ରଞ୍ଜନ ନାୟକ*




# ନେକ୍ ଡିଜାଇନ୍ ଓ ନେକଲେସ୍



**ଶାଢି, ଡ୍ରେସ୍ ହେଉ ଅବା ଲେହେଙ୍ଗା ଏସବୁ ସହ କେଉଁ ନେକ୍‌ଲେସ୍ ପିନ୍ଧିଲେ ପରଫେକ୍ଟ ଲୁକ୍ ମିଳିବ ଅନେକ ସମୟରେ ଜାଣି ହୁଏନା। ତେବେ ଯଦି ବ୍ଲାଉଜ୍ ଓ ଡ୍ରେସ୍‌ର ନେକ ଡିଜାଇନ୍ ଅନୁସାରେ ନେକଲେସ୍ ବାଛିବେ, ଏହି କାମ ହୋଇଯିବ ସହଜ....**





**କଲାର ନେକ:** କଲାର ନେକ୍ ବ୍ଲାଉଜ ବହୁତ ଷ୍ଟାଇଲିଶ ଲାଗେ। ଏମିତିକି ଏହି ନେକ୍‌ର ଡ୍ରେସ୍ ବି ବହୁତ କ୍ୟୁଟ୍ ଲୁକ୍ ଦେଇଥାଏ। କଲାର ନେକ୍ ବ୍ଲାଉଜ୍ ବ୍ରୋକେଡ କିମ୍ବା ଟେକ୍ସଚର୍ଡ ଫ୍ୟାବ୍ରିକ୍‌ର ହୋଇଥିଲେ ହେଭି ଜୁଏଲାରୀ ଭଲ ଲାଗି ନ ଥାଏ। କାରଣ ଏହି ଫ୍ୟାବ୍ରିକ୍‌ରେ ବହୁତ ହେଭି ୱାର୍କ ଆଗରୁ ହିଁ ହୋଇଥାଏ। ପ୍ଲେନ୍ କଲାର୍ ବ୍ଲାଉଜ୍ ପିନ୍ଧୁଥିଲେ ଲେୟର୍ଡ ନେକଲେସ୍ ଅବା ଚେନ୍ ପିନ୍ଧିପାରିବେ। ସିମ୍ପଲ କଲାର୍ ନେକ ଡ୍ରେସ୍‌ରେ ହେଭି ୱାର୍କବାଲା ନେକଲେସ୍ ପିନ୍ଧି ପାରିବେ। କିନ୍ତୁ ୱାର୍କ ହୋଇଥିବା କଲାର୍ ନେକ୍ ଡ୍ରସ୍‌ରେ ପତଳା ଚେନ୍ ସହ ପେଣ୍ଡେଣ୍ଟ ପିନ୍ଧିପାରିବେ। କୌଣସି ନେକ୍‌ଲେସ୍ ନ ପିନ୍ଧିଲେ ବି ଲୁକ୍ ବହୁତ ସୁନ୍ଦର ଲାଗିଥାଏ।

**ହାଇ ରାଉଣ୍ଡ ନେକ୍:** କଲାର ବୋନ୍‌କୁ କଭର୍ କରୁଥିବା ହାଇ ରାଉଣ୍ଡ ନେକ୍ ବ୍ଲାଉଜ୍ ପିନ୍ଧୁଥିଲେ ହେଭି ନେକ୍‌ଲେସ୍ ପିନ୍ଧିବା ଉଚିତ ନୁହେଁ। ଖାସ୍ କରି ବ୍ରୋକେଡ୍‌ର ହାଇ ରାଉଣ୍ଡ ନେକ ବ୍ଲାଉଜ ପିନ୍ଧୁଥିଲେ ଜମାରୁ ହେଭି ନେକ୍‌ଲେସ୍ ପିନ୍ଧନ୍ତୁ ନାହିଁ। ଏମିତିରେ କାନରେ ହେଭି ଷ୍ଟଡ ବା ଇୟରରିଂ ପିନ୍ଧି ପାରିବେ। କିଛି ଖାସ୍ ଅବସର ହୋଇଥିଲେ ବ୍ରୋକେଡ ବ୍ଲାଉଜ ସହ ନେକ୍‌ଲାଇନ୍ ଆକାରର ନେକ୍‌ଲେସ୍ ପିନ୍ଧିପାରିବେ। ପ୍ଲେନ୍ ହାଇ ରାଉଣ୍ଡ ନେକ୍ ବ୍ଲାଉଜ୍ ଅବା ଡ୍ରେସ୍‌ରେ ଲମ୍ବା ଚେନ୍ ବା ନେକ୍‌ଲେସ୍ ପିନ୍ଧିପାରିବେ।

**ଡିପ୍ ଭି ନେକ୍:** ଏଭଳି ନେକ୍ ଡିଜାଇନ୍ ସହ ଶର୍ଟ, ଫୁଲର୍ ନେକଲେସ୍ ଅବା ଷ୍ଟେଟମେଣ୍ଟ ଜୁଏଲାରୀ ଭଲ ଲାଗିଥାଏ। ଏହି ଜୁଏଲାରୀ ନେକ୍‌ଲାଇନ୍‌କୁ ଆହୁରି ଅଧିକ ସୁନ୍ଦର କରିଥାଏ। ଏହାବାଦ ଲଙ୍ଗ ଏଙ୍ଗୁଲାର ପେଣ୍ଡେଣ୍ଟ ବି ପିନ୍ଧିପାରିବେ।

**ସ୍ୱିଟହାର୍ଟ ନେକ୍:** ସ୍ୱିଟହାର୍ଟ ନେକ୍‌ଲାଇନ୍ ବହୁତ ସୁନ୍ଦର ଲାଗେ। ଏହି ନେକ୍‌ଲାଇନ ଥିବା ବ୍ଲାଉଜ୍, ଡ୍ରେସ୍ ହେଉ କି ଗାଉନ୍ ପିନ୍ଧୁଥିଲେ ଜୁଏଲାରୀ ପ୍ରତି ଖାସ୍ ଧ୍ୟାନ ଦେବା ଉଚିତ। ଏଭଳି ନେକ୍‌ଲାଇନ୍ ପାଇଁ ମୋତି କିମ୍ବା ସିମ୍ପଲ ପେଣ୍ଡେଣ୍ଟ ଓ ନେକ୍‌ପିସ୍ କ୍ୟାରି କରିପାରିବେ। ତେବେ ଧ୍ୟାନ ଦେବା ଜରୁରୀ ଯେ, ନେକ୍ ଲାଇନ୍‌ର ଉପରକୁ ନେକ୍‌ଲେସ୍ ରହୁଥିବ। ସୁଇଟ୍‌ହାର୍ଟ ନେକ୍‌ଲାଇନ୍‌କୁ କଭର କରୁ ନ ଥିବ।

**ବୋଟ୍ ନେକ୍, ଡିପ୍ ରାଉଣ୍ଡ ଅବା ସ୍କୋୟାର୍ ନେକ୍:** ଡିପ୍ ନେକ୍ ଲାଇନ୍ ଓ ବୋଟ୍ ନେକ୍ ପାଇଁ ଚୋକର୍ ଏକ ଭଲ ଅପ୍ସନ। ଏହା କଲାର୍ ବୋନ୍‌କୁ ଏମ୍ଫାସାଇଜ୍ କରେ। ଫଳରେ ଆପଣ ଟଲ ଓ ଏଙ୍ଗୁଲାର୍ ଲୁକ୍ ପାଇବେ। ଚୋକର୍ ସହ ଷ୍ଟଡ ଅବା ଛୋଟ ହ୍ୟାଙ୍ଗିଙ୍ଗ ଇୟରରିଂ ପିନ୍ଧିଲେ ଭଲ ଲାଗିବ। ବୋଟ୍ ନେକ୍ ସହ ଝୁମକା, ହେଭି ଇୟରରିଂ ମଧ୍ୟ ଗର୍ଜିୟସ୍ ଲୁକ୍ ଦେଇଥାଏ। ବେକରେ ଏକ ସରୁ ଚୋକର୍ ବି ଲୁକ୍‌କୁ ବହୁତ ସୁନ୍ଦର କରିଦିଏ। ଏହାଛଡା ଲମ୍ବା ସିମ୍ପଲ ନେକପିସ୍ ମଧ୍ୟ ଟ୍ରାଏ କରିପାରିବେ।

**ହଲ୍ଟର ନେକ୍:** ଏହି ନେକ୍ ଡିଜାଇନ୍‌ର ବ୍ଲାଉଜ, ଟପ୍ ଓ ଡ୍ରେସ୍ ବହୁତ ଷ୍ଟାଇଲିଶ ଲୁକ୍ ଦେଇଥାଏ। ଏହା ସହ ହେଭି ଡିଜାଇନ୍ ହୋଇ ନ ଥିବା ଛୋଟିଆ ନେକ୍‌ଲେସ୍, ଅବା କିଛି ମଡର୍ଣ୍ଣ ନେକ୍‌ପିସ୍ କ୍ୟାରୀ କରିପାରିବେ।

**ଷ୍ଟ୍ରାପ୍‌ଲେସ୍:** ଷ୍ଟ୍ରାପଲେସ୍ ମଡର୍ଣ୍ଣ ଡ୍ରେସ୍ ସହ ବେକରେ ମଡର୍ଣ୍ଣ ଡିଜାଇନ୍‌ର ଚୋକର ବହୁତ ଭଲ ଦେଖାଯାଇଥାଏ। ଅବା ନେକ୍‌ବୋନ ପର୍ଯ୍ୟନ୍ତ ଅବା ନେକ୍‌ଲାଇନ୍ ଉପର ପର୍ଯ୍ୟନ୍ତ ଲମ୍ବି ରହୁଥିବା ହେଭି ଡିଜାଇନ୍‌ର ନେକ୍‌ଲେସ୍ ବି ପିନ୍ଧିପାରିବେ। ଏହା ବେଶ୍ ଏଲିଗାଣ୍ଟ ଲୁକ୍ ଦିଏ।



**ଅଫ୍ ସୋଲ୍ଡର:** ଅଫ୍ ସୋଲ୍ଡର ଡ୍ରେସ୍ ସହ ଏସିମେଟ୍ରିକ ନେକ୍‌ଲେସ୍ ଭଲ ଲାଗେ। ତା’ଛଡା ଲମ୍ବା ଚେନ୍‌ରେ ବଡ ପେଣ୍ଡେଣ୍ଟ ବି ସ୍ମାର୍ଟ ଲୁକ୍ ଦିଏ। ପାର୍ଟି ପାଇଁ ଅଫ୍ ସୋଲ୍ଡର ବ୍ଲାଉଜ ସହ ଷ୍ଟୋନ ବାଲା ହେଭି ନେକଲେସ୍ ପିନ୍ଧି ପାରିବେ।

**କାଓଲ ନେକ:** ଏହି ନେକ୍‌ର ଡ୍ରେସ୍‌ରେ ନେକ୍‌ଲେସ୍ ନ ପିନ୍ଧିଲେ ଲୁକ୍ ସ୍ମାର୍ଟ ଲାଗେ। ତେବେ ଚାହିଁଲେ ସରୁ ଚେନ୍‌ରେ ପେଣ୍ଡେଣ୍ଟ ଟ୍ରାଏ କରିପାରିବେ। ଏହା ସିମ୍ପଲ ଓ ଏଲିଗାଣ୍ଟ ଲୁକ୍ ଦେଇଥାଏ।







ପେସା ତାଙ୍କର ଶିକ୍ଷକତା କିନ୍ତୁ ନିଶା ବିଭିନ୍ନ ପୁସ୍ତକ ସଂଗ୍ରହ । ଅନେକ ବିରଳ ପୁସ୍ତକ ଓ ପତ୍ରପତ୍ରିକାକୁ ସାଇତି ଗଢ଼ିତୋଳିଛନ୍ତି ଏକ ପାଠାଗାର । ଯେଉଁଠି ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବହି ପଢ଼ିବାର ସୁଯୋଗ ପାଇପାରୁଛନ୍ତି। ଏହାଛଡ଼ା ଓଡ଼ିଶାର ବିଭିନ୍ନ ଭାଷାର ସୁରକ୍ଷା ଉଦ୍ଦେଶ୍ୟରେ ସୃଷ୍ଟି କରି ଚାଲିଛନ୍ତି ଜନସଚେତନତା।

# ପାଠାଗାର ଓ ଭାଷା ସୁରକ୍ଷା ଯାହାଙ୍କ ନିଶା



ସେ ଜଣେ ଶିକ୍ଷାବିତ୍, ଗ୍ରନ୍ଥକାର, କବି, ଗାଳ୍ପିକ, ନାଟ୍ୟକାର ଓ ସମାଜସେବୀ । ପେସା ତାଙ୍କର ଶିକ୍ଷକତା କିନ୍ତୁ ନିଶା ବିଭିନ୍ନ ପୁସ୍ତକ ସଂଗ୍ରହ । ଅନେକ ବିରଳ ପୁସ୍ତକ ଓ ପତ୍ରପତ୍ରିକାକୁ ସାଇତି ଗଢ଼ିତୋଳିଛନ୍ତି ଏକ ପାଠାଗାର । ଯେଉଁଠି ସ୍କୁଲ କଲେଜ ପିଲାଙ୍କଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବହି ପଢ଼ିବାର ସୁଯୋଗ ପାଇପାରୁଛନ୍ତି। ପୁସ୍ତକ ପଠନ ପ୍ରତି ସମସ୍ତେ କିପରି ଆଗ୍ରହୀ ହେବେ ସେଥିପାଇଁ ସେ ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଶାର ବିଭିନ୍ନ ଅଧିବାସୀଙ୍କ ଭାଷାର ସୁରକ୍ଷା ଉଦ୍ଦେଶ୍ୟରେ ଜନସଚେତନତା ସୃଷ୍ଟି କରାଇଥାନ୍ତି। ଅନ୍ୟପକ୍ଷେ ସେ ବିଭିନ୍ନ ପ୍ରକାରର ପୁସ୍ତକ ରଚନା କରିଛନ୍ତି। ତାଙ୍କର ବହୁମୁଖୀ ପ୍ରତିଭା ଯୋଗୁ ବିଭିନ୍ନ ସଂସ୍ଥାରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ବିପିନ ବିହାରୀ ମହାନ୍ତି। ଜନ୍ମ ୨୬।୦୧।୧୯୪୫ରେ। ପିତା ବିଶ୍ୱନାଥ ମହାନ୍ତି । ଘର ଖୋର୍ଦ୍ଧା ଜିଲା ସିକୋ ଅଞ୍ଚଳର ନାରଗଦାରେ। କିନ୍ତୁ ସେ ରହିଆସୁଛନ୍ତି ଜଟଣୀ ବିକାଶନଗରରେ। ସେ କୁହନ୍ତି, ମୋ ମା' ସେବତୀ ମହାନ୍ତି ମୋତେ ଜନ୍ମଦେଇ ସଂସାରଛାଡ଼ି ଚାଲିଯାଇଥିଲେ। ତା' ପରେ ପାଳିତା ମା' ସ୍ୱର୍ଣ୍ଣଲତା ମହାନ୍ତି ମୋତେ ଲାଳନପାଳନ କରିଥିଲେ। ପିଲାଦିନେ ପ୍ରଥମେ ଗାଁ ଚାଟଶାଳୀରେ ପାଠ ପଢ଼ିଲି । ତା' ପରେ ଆମ ଗାଁଠାରୁ ପ୍ରାୟ ୧୦କିମି ଦୂର ସିକୋ ପ୍ରାଥମିକ ସ୍କୁଲରେ ୩ୟ ଯାଏ ପଢ଼ିଲି। ଏଠାରୁ ପୁରୀ ବାଲିସାହି ହାଇସ୍କୁଲକୁ ଯାଇ କିଛିମାସ ଏକାଦଶ ଯାଏ ପଢ଼ିବାପରେ ସେଠାରୁ ଫେରି ଆମଗାଁ ନିକଟ ଓଳସିଂ ଦାଶରଥି ପଟ୍ଟନାୟକ ହାଇସ୍କୁଲରେ ଏକାଦଶ ପଢ଼ା ସାରିଲି। ଏହାପରେ ପ୍ରାଣନାଥ କଲେଜ ଖୋର୍ଦ୍ଧାରେ ପ୍ରି-ପ୍ରଫେଶନାଲ ପାଠପଢ଼ା ସାରିଲି। ସମୟକ୍ରମେ ଓଡ଼ିଆ, ଇତିହାସ ଓ ଇଂଲିଶରେ ଏମ୍ଏ ସାରିବା ସହିତ ବିଏଡ୍,ଏମ୍ଏଡ ସାରିଛି। ୧୯୬୬ରେ ସରକାରୀ ବାଳିକା ବିଦ୍ୟାଳୟ ବୋଲଗଡ଼ରେ ଜଣେ ଅଫିସ ସହାୟକ ଭାବେ ନିଯୁକ୍ତି ପାଇଲି। ପରେ ସରକାରୀ ବାଳିକା ବିଦ୍ୟାଳୟ ଜଟଣୀରେ ଶିକ୍ଷା ତାଲିମ ନେବାରୁ ଜଟଣୀ ଉଚ୍ଚବିଦ୍ୟାଳୟ, ମେଣ୍ଢାଶାଳ, ଗୁରୁଜଙ୍ଗ, ଖୋର୍ଦ୍ଧା ଓ ପିପିଲି ବାଳିକା ହାଇସ୍କୁଲରେ ଚାକିରି ଜୀବନ କଟିଛି। ୨୦୦୪ମସିହାରୁ ପିପିଲି ସରକାରୀ ଟ୍ରେନିଂ ସ୍କୁଲରୁ ଅବସର ନେଇସାରିଛି। କିନ୍ତୁ ଯେତେବେଳେ ପୁରୀରେ ରହି ପାଠପଢ଼ୁଥିଲି ସେହି ସମୟରେ ମୋ ପାଖରେ ବହିଖଣ୍ଡିଏ କିଣି ପଢ଼ିବାକୁ ଅର୍ଥ ନ ଥିଲା। ସେତେବେଳେ ଜଣେ ବଦାନ୍ୟବ୍ୟକ୍ତି ମୋତେ ବହିଖଣ୍ଡିଏ ଦାନ କରିଥିଲେ । ଆଉ ଅନ୍ୟ ପାଠପଢ଼ା ବହି ପାଇଁ ସେଠାର ପାଠାଗାର ଉପରେ ନିର୍ଭର କରୁଥିଲି । ଏଥିଯୋଗୁ ପାଠାଗାର ଭୂମିକା କ'ଣ ବୁଝିପାରିଥିଲି।

୧୯୬୧ରେ ଆମଗାଁର କେତେଜଣ ସାଙ୍ଗ ଏକାଠିହୋଇ ଜନପ୍ରିୟ ପାଠାଗାର, ନାରଗଦା ନାମରେ ଏକ ପାଠାଗାର ଗଢ଼ିଥିଲୁ। ଏଥିପାଇଁ କେତେକ ବ୍ୟକ୍ତିଙ୍କଠାରୁ ବିଭିନ୍ନ ବହି ମାଗି ଆଣି ପ୍ରାୟ ୫ଶହ ପୁସ୍ତକ ମହଜୁଦ କରିଥିଲୁ। ଏହି ପାଠାଗାର ଅନେକଦିନ ଭଲରେ ଚାଲିଲା । କିନ୍ତୁ ଯେତେବେଳେ ସାଙ୍ଗମାନେ ଉଚ୍ଚତର ଶିକ୍ଷା ପାଇଁ ବାହାରକୁ ଆସି ବିଭିନ୍ନ ସ୍ଥାନରେ ଚାକିରି କଲୁ, ତା' ପରେ ପାଠାଗାରର ତତ୍ତ୍ୱବଧାନ ଅଭାବରୁ ଏହା କିଛିଦିନ ଧରି ବନ୍ଦ ହୋଇ ରହିଥିଲା। ୧୯୯୯ରେ ପ୍ରାୟ ୮ହଜାରଖଣ୍ଡ ପୁସ୍ତକକୁ ସାଇତିରଖି ପୁଣି ଏହି ପାଠାଗାର ଉନ୍ନତି ପାଇଁ ପ୍ରଚେଷ୍ଟା ଜାରି ରଖିଥିଲି। ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ବୁଲାବୁଲା ପାଇଁ ଯିବା ସମୟରେ ଅନେକ ବଦାନ୍ୟବ୍ୟକ୍ତିଙ୍କଠାରୁ ନାନାପ୍ରକାର ପୁସ୍ତକ ସଂଗ୍ରହ କରିଥିଲି। ତେବେ ଏହି ପାଠାଗାରକୁ ଆସୁଥିବା ପିଲାମାନେ ସମୟକ୍ରମେ ମୋ ନାମକୁ ଯୋଡ଼ି ୨୦୦୧ ଅଗଷ୍ଟ ୧୧ରୁ ପାଠାଗାରର ନାମ ବିପିନ ବିହାରୀ ପାଠାଗାର ରଖିଲେ। ଏହି ପାଠାଗାର ଜଟଣୀ ବ୍ଲକଠାରୁ ମାତ୍ର ୫ହେମିଟର ଦୂର ନାଇଜରର ପଶ୍ଚିମପଟକୁ ଲାଗିଥିବା ଭୀମପୁର ରାସ୍ତାକଡ଼ରେ ଅବସ୍ଥିତ। ପାଠାଗାରଟି ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ ହୋଇସାରିଛି। ଓଡ଼ିଶା ପାଠାଗାର ମହାସଂଘରେ ଯୋଡ଼ିହେବାର ପ୍ରୟାସ ଜାରି ରହିଛି।

ପାଠାଗାରରେ ବିଶେଷକରି ଛାତ୍ର, ଶିକ୍ଷକ, ଅଧ୍ୟାପକ, ଗବେଷକ ଓ ସାହିତ୍ୟିକମାନଙ୍କୁ ସୃଜନଶୀଳତାର ସେବା ଯୋଗାଇ ଆସୁଛି। ପ୍ରାୟ ୪୦ ହଜାର ପୁସ୍ତକ ଓ ୩୦ହଜାର ବିଭିନ୍ନ ପତ୍ରପତ୍ରିକା ସାଇତାହୋଇ ରହିଛି। ପ୍ରତ୍ୟହ ସକାଳ ୭ଟାରୁ ୧୧ଟା ପୁଣି ଦିନ ୧ଟାରୁ ୩ଟା ଯାଏ ଖୋଲାରହେ । ବିଭିନ୍ନ ପ୍ରକାର ଭାଷାର ପୁସ୍ତକ ରହିଛି। ସର୍ବୋପରି ନିମ୍ନସ୍ତରରୁ ପ୍ରଶାସନିକସ୍ତରୀୟ ଉଚ୍ଚପଦପଦବୀ ପରୀକ୍ଷାଦେବା ନିମନ୍ତେ ଅନେକପୁସ୍ତକ ପଢ଼ିବାର ସୁବିଧା ରହିଛି। ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ଓ ଶୈକ୍ଷିକ ବିକାଶରେ ଏହା ସହାୟକ ହୋଇପାରୁଛି। ପାଠାଗାର ତରଫରୁ ବିଭିନ୍ନ ସମୟରେ କବିତା ପାଠୋତ୍ସବ, ଓଡ଼ିଶାର ବିଭିନ୍ନ ଅଧିବାସୀଙ୍କ ଭାଷା ବିକାଶ ପାଇଁ କର୍ମଶାଳାର ଆୟୋଜନ କରାଯାଇଥାଏ। ମହାପୁରୁଷଙ୍କ ଜନ୍ମଦିନ ପାଳନ କରାଯାଇଥାଏ। ପ୍ରତିବର୍ଷ ପାଠାଗାରର ବାର୍ଷିକ ମୁଖପତ୍ର ଉତ୍ତରଜା ପ୍ରକାଶିତ ହୋଇଥାଏ। ଏମିତି ଅନୁଷ୍ଠାନ ଗଠନ ଯୋଗୁ ଆନନ୍ଦ ଅନୁଭବ କରେ। ଅନ୍ୟପକ୍ଷେ ଏକାଧିକ ସାହିତ୍ୟିକ ଅନୁଷ୍ଠାନ ସହିତ ଜଡ଼ିତ ରହିଛି। ଲେଖିଥିବା ପୁସ୍ତକ ମଧ୍ୟରେ ପ୍ରାୟ ୪୦ଖଣ୍ଡ ପ୍ରକାଶିତ ହୋଇସାରିଲାଣି। ୧୯୮୩ରେ ପ୍ରଥମ କବିତା ସଂକଳନ ଥିଲା ନିଃସର୍ତ୍ତ ଅନ୍ଧାର,ଗାଁ ଗୋହିରୀ, ପ୍ରୀତିଗୀତ, ଋତୁଗୀତ, ସଜନାଗଛର ଛାଇ, ମୁଁ ଗୋଟେ ନଈ, ଏବେ ବି ଚଷମା ବଞ୍ଚିଛି, କାହାଣୀ ଶୁଣ କାହାଣୀ, ଓଡ଼ିଶା ପରମ୍ପରା ଏବଂ ଧାର୍ମିକ ଦୃଷ୍ଟିରେ ଶ୍ରାଦ୍ଧ, ବାପା ତମେ ଢେର ମନେପଡ଼ୁଛ, ତୁମରି ପାଇଁ ଗାଇବି ଗୀତ, ଓଡ଼ିଶାର ଜାତୀୟ ପର୍ବ ରଜ, ମଲାଜହ୍ନରେ ଯୌବନ, ସତ୍ୟର ଝଲକ, ନାଚୁଛି ଘୁଙ୍ଗୁର କାନ୍ଦୁଛି ବୀଣା । ସେହିପରି ପୁରସ୍କାର ଭାବେ ଡ. ହରେକୃଷ୍ଣ ମହତାବ ସ୍ମାରକୀ ପ୍ରତିଭା ସମ୍ମାନ, ବାଣୀପୀଠ ସମ୍ମାନ, ସିଦ୍ଧାନ୍ତ ସମ୍ମାନ, ସମ୍ପୂର୍ଣ୍ଣ ଉତ୍କଳ ନ୍ୟାସିମଣ୍ଡଳ ଖରସୁଆଁ ଝାଡ଼ଖଣ୍ଡ, ମାଧବାନନ୍ଦ ସମ୍ମାନ ନୂଆଦିଲ୍ଲୀରୁ, ଅକ୍ଷୟ ମହାନ୍ତି ସମ୍ମାନ, ଶ୍ୱେତସଙ୍କେତ ସମ୍ମାନ, ସୁଲେଖା ସମ୍ମାନ, ଆମ ସୁନାଚାନ୍ଦ ଜାତୀୟ ଶିଶୁସାହିତ୍ୟ ସମ୍ମାନ, ସତ୍ୟଚେତନା ସମ୍ମାନ, ସାମଗ୍ରିକ କୃତି ପାଇଁ ଜୀବନରଙ୍ଗ ସମ୍ମାନ, ଗୋଦାବରୀଶ ସାହିତ୍ୟ ସଂସଦ ସମ୍ମାନ, ଶ୍ରୀତୀର୍ଥ ସମ୍ମାନ, ମ୍ୟାନ ଅଫ୍ ଦି ଇୟର ଇଣ୍ଡିଆ ଏଡ଼ିଆର ୟୁଏସ୍ଏ, ଏକାଦଶ ରାଜଧାନୀ ପୁସ୍ତକ ମେଳା ସମ୍ମାନ, କନ୍ସଲଟାଣ୍ଟ ଆମେରିକାନ ବାୟୋଗ୍ରାଫି ଇନ୍ଷ୍ଟିଚ୍ୟୁଟ୍ ୟୁଏସ୍ଏ ଆଦି ବିଭିନ୍ନ ସଂସ୍ଥାରୁ ଶତାଧିକ ପୁରସ୍କାର ଓ ସମ୍ମାନ ମିଳିସାରିଛି। ଏବେ ପରିବାର ସହିତ ରହୁଥିବା ବେଳେ ପାଠାଗାର ବିକାଶ ଚିନ୍ତା ଓ ଲେଖାଲେଖିରେ ସମୟ ବିତୁଛି। ମୋର ନିବେଦନ ଓଡ଼ିଶାରେ ଯେତେ ଭାଷାଭାଷୀର ଅଧିବାସୀ ଅଛନ୍ତି ସେମାନଙ୍କ ଭାଷାକୁ ବଞ୍ଚାଇବା ପାଇଁ ସମସ୍ତେ ଉଦ୍ୟମ କରନ୍ତୁ।

–ବନବିହାରୀ ବେହେରା










## ବନ୍ଧୁତା

**-ସୁଜାତା ମିଶ୍ର**

**କା**କର ଟୋପାର
ସୂକ୍ଷ୍ମ ଅସ୍ତିତ୍ୱ ଭିତରେ ଥାଏ..,
ଥାଏ ପୁଣି ପୌଷ ଗୋଧୂଳିର
ଘଞ୍ଚ ଅରଣ୍ୟର ନିବିଡ଼ ପଣରେ..,
ଛାୟା ପଥର ରହସ୍ୟମୟ
ଇଲାକା ଡେଇଁ
ନିଶବ୍ଦରେ କେବେ ମନ ଦରଜାରେ
ଦସ୍ତକ ଦିଏ..
ପୁଣି କୃଷ୍ଣଚୂଡ଼ା ତରୁର ଶାଖାରେ
ଚୈତ୍ରର ବହ୍ନି ଜାଳୁ ଥାଏ..,
ସମ୍ପର୍କ ସେ ତ..ଚେନାଏ ଭୂଇଁରେ
ଆକାଶର ବ୍ୟାପ୍ତି
ମାପୁଥାଏ !

*-କସ୍ମୋପଲିସ୍, ଡୁମଡୁମା,*
*ଭୁବନେଶ୍ୱର*
*ମୋ: ୯୪୩୭୧୧୭୦୮୪*

## ଚୈତ୍ର: ଏକ ସ୍ୱପ୍ନର ବାଲିଘର

**-ସୁଜାତା ମହାପାତ୍ର**

**ପ**ଳାସର ନିଆଁ ରଙ୍ଗ
ଖରାକୁ ଦେହଟେ ଯାଚେ
ବିସ୍ତରିଯାଏ ଅଣୁରୁ ଆକାଶ !

ମହୁଲ ଫୁଲରେ ଇଡି
ହୋଇଯାଏ ମାଦକତା
ଥୁଣ୍ଟା ଗଛରେ ଗର୍ଭ ସଞ୍ଚରେ !

ସର୍ଜନର ବାସ୍ନାରେ ବିଭୋର
ଚଇତି ପବନ,
ମହୁଆ ନିଶାର ଉନ୍ମାଦନାରେ
ଇପ୍ସିତ ଜୀବନ


ଫଗୁଣଠୁ ମିଛ ଅଭିମାନର ରଙ୍ଗ ନେଇ
ଚୈତ୍ର ଆଙ୍କେ ଆମ୍ରବନ, କୁହୁତାନ

ଚଇତାଳି କୋଇଲିକୁ ଛୁଏଁ
ତା ସ୍ୱର ପାଲଟେ ବଂଶୀ,
ଉଡାଣ ପାଲଟେ ପ୍ରେମ

ସ୍ୱର୍ଗଟେ ଓହ୍ଲାଏ ତା ପରରୁ,
ଖେପାକରେ ଖେଦିଯାଏ ପୃଥ୍ୱୀ
ଡେଣା ଝାଡେ, ସ୍ୱପ୍ନ ବିଞ୍ଚେ,

ସ୍ୱପ୍ନମୟ ପୃଥିବୀଟେ ସମସ୍ତଙ୍କୁ ଦେଇ
କେବେ ! କେମିତି ! କେଜାଣି !
କାହିଁକି !
ଦିନେ ଗଭୀରତମ ରହସ୍ୟରେ
ହଜିଯାଏ ।

*-ଶିବାନୀ ଏନ୍‌କ୍ଲେଭ*
*ବମୀଖାଲ କେନାଲ ରୋଡ*
*ଭୁବନେଶ୍ୱର, ୭୫୧୦୧୦*
*ଫୋନ : ୯୪୩୭୩୭୦୯୬୪*



# ସମାଧି

**- ରୋଜାଲିନି ମିଶ୍ର**

**ମୁ**କ୍ତାକୁ ଖୁବ୍ କାମ କରାଏ ଶାନ୍ତା ।
କୂଅରୁ ପାଣି କଢ଼ାଏ, ଲୁଗାପଟା ସବୁ ଧୋଇବାକୁ ନଈକୁ ପଠାଏ, ଚୁଲିମୁଣ୍ଡେ ବସି ରାନ୍ଧିବାକୁ କହେ .... ଏମିତି କେତେ କାମ ।
ଦଶ ବାର ବର୍ଷର ଝିଅଟା ଥକିପଡ଼େ। କିନ୍ତୁ ଡରି ମରି ସବୁ କାମ କରି ପକାଏ ନ ହେଲେ ନୂଆ ମା' ତାକୁ ଖୁବ୍ ପିଟିବ କିଛି ନ ହେଲେ ତାକୁ ନେଇ ଅନ୍ଧାର ରାତିରେ ଦାଣ୍ଡ ବାରଣ୍ଡାରେ ବସେଇ ଦେବ।
ଅନ୍ଧାରରେ ବସିଲେ କିଛି ନାହିଁ ଯେ ... କିନ୍ତୁ ତା'ର ଭାରି ଭୟ ରାସ୍ତା ସେ ପାଖର ସେ ମଶାଣିକୁ। ରାତି ତ ରାତି, ଦିନବେଳେ ମଧ୍ୟ ସେପାଖ ଦେଇ ଯାଏନି ସେ।
ସନ୍ଧ୍ୟା ପରେ ସେଠି ଧପ୍ ଧପ୍ ହୋଇ ଡାହାଣୀ ଆଲୁଅ ଜଳିବାର ସେ ନିଜେ ଦେଖିଛି। ବୋଉ କହୁଥିଲା ସେ ଧପ୍ ଧପ୍ ଆଲୁଅଟା କୁଆଡ଼େ ଡାହାଣୀର ଆଖି।
ଜଳୁଛି ଏମିତି ଅନ୍ଧାର ରାତିରେ।
ଆଉ ଉଦୁଉଦିଆ ଖରାବେଳେ ସେଠି କୁଆଡ଼େ ଚିରଗୁଣୀ ବୁଲେ ରକ୍ତ ପିଇବା ପାଇଁ। ଡାହାଣୀ ଚିରଗୁଣୀଙ୍କୁ ଶୋଷ କଲେ ସେମାନେ ଆମମାନଙ୍କ ଭଳି ପାଣି ପିଅନ୍ତିନି।
କଞ୍ଚାରକ୍ତ ପିଅନ୍ତି ବୋଲି ବୋଉ ଥରେ ଗପ କହିଲା ବେଳେ କହିଥିଲା।
ମାଆ ... ଲୋ ... ଭୟରେ ଆଖି ବୁଜିଦିଏ ମୁକ୍ତା।
ତା' ଶୋଇବା ଘରର ଝର୍କା ଦେଇ ସ୍ୱଷ୍ଟ ଦିଶେ ଅଳ୍ପ ଦୂରରେ ଥିବା ରାସ୍ତା ସେ ପାଖର ସେଇ ମଶାଣିଟି। ଆଉ ତା' ଭିତରେ ଥିବା ତା' ବୋଉର ଚୁନଲିପା ଧଳା ରଙ୍ଗର ସମାଧିଟି।
ବେଳେବେଳେ ଝର୍କା ଦେଇ ସେଇ ସମାଧିକୁ ଚାହିଁରହେ ମୁକ୍ତା। ଆଉ ଚୁପଚୁପ କରି କୁହେ .... ଜାଣିଛୁ ବୋଉ ... ତୁ ନାହୁଁ ବୋଲି ଏ ନୂଆ ମା' ମୋତେ ଖୁବ୍ କାମ କରାଉଛି।
ଭୁଲ୍ କଲେ ବହୁତ ପିଟୁଛି।
କାଲି ବାପା ପାଇଁ ଟା' କରୁକରୁ ଲୋଭ ଲାଗିଲା ବୋଲି କ୍ଷୀର ଉପରୁ ସରଟା ଖାଇଦେଲି ଯେ, ହେଇ ଦେଖୁନୁ ମୋ ହାତ କେମିତି ନୂଆ ମା' ବାଡ଼େଇକି କରିଛି ... କହି ଝର୍କା ସେପାଖକୁ ହାତ ଲମ୍ୱେଇ ଦିଏ ମୁକ୍ତା।
ମୁକ୍ତାର ବାପା ଫକିରା ବେଳେବେଳେ ଏ ଅନ୍ୟାୟର ପ୍ରତିବାଦ କରି କୁହେ, ''ଏତେ ନିଷ୍ଠୁର ହୁଅନା ତୁ ଶାନ୍ତା ... ଧର୍ମ ସହିବନି ତୋତେ। ମା' ଛେଉଣ୍ଡ ଛୁଆଟାକୁ କୋଳେଇ ନେବୁ ଭାବି ତୋତେ ବାହା ହୋଇ ଘରକୁ ଆଣିଲି ଯେ ତୁ ତାକୁ ଏତେ ହୀନସ୍ତା କରୁଛୁ !! ପେଟ ଚିହ୍ନି ଖାଇବାକୁ ମୁଠେ ବି ଦେଉନୁ ତୁ !!''
ଚିହିଁକି ଉଠେ ଶାନ୍ତା।
ମୁଁ ଖାଇବାକୁ ଦେଉନି !!! ଆଉ କ'ଣ ମୁଁ ନିଜେ ଖାଇ ଦେଉଛି ସବୁ ?? ନ ଖାଇ ନ ପିଇ ମନକୁ ବଢ଼ି ଯାଉଛି ତୁମ ଝିଅ ? ମୋ ଜନ୍ମକଲା ପୁଅ ଭାଗରୁ କାଟି ଏ ଅଲକ୍ଷଣୀକୁ ପୋଷୁଛି କ'ଣ ଏଇଆ ଶୁଣିବି ବୋଲି ? ପୁଣି ଦି ଖୁନ୍ଦା ଦିଏ ଶାନ୍ତା ମୁକ୍ତାକୁ।
ଚୁପ୍ ହୋଇଯାଏ ଫକିରା।
ସେଦିନ ଝର୍କା ପାଖରେ ଠିଆ ହୋଇ ଗୁଣୁଗୁଣେଇ ହେଉଥିଲା ମୁକ୍ତା।
-ତୋ କୋଳରେ ଜାକି ହୋଇ ବସି ଟିକେ ଦୁଃଖ ସୁଖ ହେବାକୁ ଭାରି ଇଚ୍ଛା ହେଉଛି ଯେ ବୋଉ କିନ୍ତୁ କ'ଣ କରିବି କହ ? ତୁ ତ ରହିଲୁ ଯାଇ ସେଇ ଡାହାଣୀ ଚିରଗୁଣୀଙ୍କ ଜାଗାରେ।
ଆଉ ସେ ଜାଗାକୁ ମୋର ପ୍ରାଣର ଭୟ।
ତୁ ଏମିତି ଜାଗାରେ ନ ରହି ଆମ ଘର ପଛପଟେ ରହିଥିଲେ କ'ଣ ହୋଇ ନ ଥାନ୍ତା !!
ଶାନ୍ତାର ଡାକରେ ଚମକି ପଡିଲା ମୁକ୍ତା।
-ଆଲୋ ଆଜି କ'ଣ ଖାଇବା ପିଇବା ହେବନି କି ? ରାନ୍ଧି ଦେଇ ଲାଟସାହେବ ଭଳିଆ ବସି ପଡ଼ିଲୁ କ'ଣ ବା ... ଯା ଯା ... ଖାଇବାକୁ ବାଢ଼େ।
ଖାଇବାକୁ ବାଢ଼ିବାକୁ ଯାଇ ରୋଷେଇ ଘର ପାଖରେ ଚମକି ପଡ଼ିଲା ମୁକ୍ତା।
ଦେହର ରକ୍ତ ପାଣି ଫାଟିଗଲା।
ମାଛ ସବୁ ଖାଇଦେଇ ବିଲେଇ ପଳେଇଛି ଆଉ ଘର ଯାକ ଖେଳେଇ ହୋଇ ପଡ଼ିଛି ଖାଲି ମାଛକଣ୍ଟା। ଏବେ ନୂଆ ମା' ର ଗୋଟିଏ ବି ମାଡ଼ ତଳେ ପଡ଼ିବନି।
ବାପା ବି ନାହିଁ ଘରେ ।
ନ ହେଲେ ସେ ଅଳ୍ପେ ବହୁତେ ରକ୍ଷା ପାଇ ଯାଇଥାନ୍ତା ମାଡ଼ରୁ। ଏବେ କ'ଣ କରିବ ସେ ? ବିକଳ ହୋଇ ମୁକ୍ତା ଚାହିଁଲା ତା' ଦେହର ପୁରୁଣା ମାଡ଼ ଦାଗକୁ।
''ଆଲୋ କେତେ ସମୟ ଲାଗି ବାଢୁଛୁ ବା ... ଖାଇବା ବାଢୁ ବାଢୁ ଶୋଇଗଲୁ କିଲୋ ... ମୋ ପୁଅ ପାଇଁ ସେ କଅଁଳିଆ ପେଟି ମାଛ ଦି' ଖଣ୍ଡ ବାଢ଼େ'' ... ପୁଣି ଚିଲେଇଲା ଶାନ୍ତା।
ଚିଲେଇ ଚିଲେଇ ଆସି ଥମ କି ଠିଆ ହେଲା ରୋଷେଇ ଘର ଆଗରେ।
ଘରଯାକ ମାଛକଣ୍ଟା ଛିନ୍‌ଛତ୍ର।
କଡ଼େଇରେ ଝୋଳ ଟିକେ ପଡ଼ିଛି ଖାଲି।
ରାଗରେ ରକ୍ତ ଚାଉଳ ଚୋବେଇଲା ଶାନ୍ତା। ଖଡ଼ିକା ଝାଡୁ ଖଣ୍ଡକୁ ହାତରେ ଧରି ସେ ଖୋଜିଲା ମୁକ୍ତାକୁ।
ଘର ଠୁଁ ବାଡ଼ି ଯାଏ ଖୋଜିଗଲା କିନ୍ତୁ ମୁକ୍ତା ନାହିଁ।
ପୁଣି କବାଟ କୋଣ, ଖଟତଳ, କୂଅମୂଳ, ଗଡ଼ିଆ ହୁଡା ସବୁଆଡେ ଆଖି ପହଁରେଇ ଆଣିଲା ସେ। ଆଶ୍ଚର୍ଯ୍ୟ ... ମୁକ୍ତା ଗଲା କୁଆଡେ ?? ଦୁଇଘଣ୍ଟା ବିତି ଗଲାଣି।
ଯେତେ ଯେତେ ସମୟ ଗଡୁଛି ସେତେସେତେ ଅଧିକ ପିତ୍ତ ଚଢୁଛି ଶାନ୍ତା ମୁଣ୍ଡକୁ। ସବୁଆଡୁ ଖୋଜି ସାରି ରାସ୍ତା ମୁହାଁ ହେଲା ସେ। ମଶାଣିର ସେଇ ସମାଧି ପାଖରେ କିଏ ଗୋଟାଏ ବସିଲା ପରି ଝାପ୍ସା ଦେଖାଗଲା ତାକୁ। ନିରିଖେଇ ଦେଖିଲା ସେ।
-ଆଚ୍ଛା ...ଏ ବଦ୍‌ମାସ ଟୋକି ମାଡ଼କୁ ଡରି ତା'ହେଲେ ଏଇଠି ଲୁଚିଛି। ଏ ଉଦୁଉଦିଆ ଖରାବେଳଟାରେ ଆସି ଏଠି ଲୁଚିଲେ ଭାବିଛି କେହି ଜାଣିପାରିବେନି। ରହ ଲୋ ଝିଅ ... ଏବେ ଦଉଛି ତୋ ପିଠିରୁ ଛାଲ ଉତାରି।
ଖଡ଼ିକା ଝାଡୁଟାକୁ ଆଉ ଟିକେ ଶକ୍ତ ଭାବେ ମୁଠେଇ ଧରିଲା ଶାନ୍ତା। ଚାଲିଲା ମଶାଣି ଆଡ଼େ ଉଗ୍ରମୂର୍ତ୍ତି ଧରି।
ସେଠି ପହଞ୍ଚି ସେ ଦେଖିଲା ତା' ବୋଉର ସମାଧିକୁ କୁଣ୍ଢେଇ ଧରି ନିଦରେ ଶୋଇ ପଡିଛି ମୁକ୍ତା। ନିରୀହ ମୁହଁ ଉପରେ ଏବେ ବି ଭୟର ଛାପା।
ଗାଲ ଉପରେ ସ୍ୱଷ୍ଟ ଦିଶୁଛି ଲୁହ ଧାରର ଦାଗ।
ଦେହ ଯାକ ମାଡ଼ର ଚିହ୍ନ।
ବୋତାମ ନ ଥିବା ଫ୍ରକ୍‌ର ଫାଙ୍କ ଦେଇ ଫୁଙ୍ଗୁଳା ପିଠିରେ ଦିଶୁଛି ତା' ହାତର ପାଞ୍ଚ ଅଙ୍ଗୁଳିର ଚିହ୍ନ।
ଟିକେ ରହିଗଲା ଶାନ୍ତା ।
କାହିଁକି କେଜାଣି ... ଖଡ଼ିକା ଝାଡୁଟାକୁ ଶକ୍ତ ଭାବରେ ମୁଠେଇ ଧରିଥିବା ତା' ହାତ ମୁଠାଟା ଧୀରେ ଧୀରେ ହୁଗୁଳା ହୋଇଗଲା !! କାହିଁକି କେଜାଣି ... ତା' ଅଗ୍ନି ବର୍ଷୁଥିବା ଆଖି ଦୁଇଟାରୁ ଲୁହ କେଇ ଠୋପା ଖସି ପଡ଼ିଲା ସେଇ ମଶାଣିପଦାର ଭୂଇଁ ଉପରେ !! କାହିଁକି କେଜାଣି ... ବଡ଼ ପାଟିରେ ଗାଳି ଦେବା ବଦଳରେ ଭେଁ ଭେଁ କରି ଛୁଆଙ୍କ ଭଳି କାନ୍ଦି ପକେଇଲା ଶାନ୍ତା। ବିକଳ ହୋଇ ଆଉ ଧାଇଁ ଯାଇ କୋଳକୁ ସାଉଁଟି ଆଣିଲା ମୁକ୍ତାକୁ।

*ଏ/ଇ- ୨୫୦ , ଭି ଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ:୮୮୯୫୩୨୬୪୩୪*




ଅନନ୍ୟା

# କୃଷ୍ଣାଙ୍କ ନୂଆ ଅବତାର

ବଲିଉଡ୍ ଅଭିନେତା ତଥା ଲୋକପ୍ରିୟ ଅଭିନେତା ଗୋବିନ୍ଦାଙ୍କ ଭଣଜା କୃଷ୍ଣା ଅଭିଷେକ ଏବେ ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିଛନ୍ତି। ତାଙ୍କୁ ବ୍ରେକ୍ ଦେଇଛନ୍ତି ପ୍ରଯୋଜକ ବି. ଚନ୍ଦ୍ରପ୍ରିୟା ସୁବୁଦ୍ଧି ଆଉ ସିନେମାଟି ହେଲା 'ମାମା ୱେଡସ ପାପା'। ଏଥିରେ କୃଷ୍ଣା ଏକ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସୁଛନ୍ତି। ତା'ସହ ସେ ଏହି ଫିଲ୍ମର ଟାଇଟଲ ଗୀତରେ ମଧ୍ୟ ନାଚୁଥିବାର ଦେଖିବାକୁ ମିଳିବ। ସାଧାରଣତଃ ପିଲାମାନଙ୍କର ବାହାଘର ମା-ବାପା କରିଥାଆନ୍ତି। ହେଲେ ଏହି ଫିଲ୍ମର କାହାଣୀରେ ପିଲାମାନେ ସେମାନଙ୍କର ମା-ବାପାଙ୍କ ବିବାହ କରାଉଛନ୍ତି। 'ଓୟେ ଗୀଟାର' ପରେ ଶ୍ରୀହାନ୍ ସିନେ କ୍ରିଏସନ ବ୍ୟାନରରେ ଏହା ହେଉଛି ଦ୍ୱିତୀୟ ସିନେମା, ଯାହାର ନିର୍ଦ୍ଦେଶନା ଦେଇଛନ୍ତି ଆପୁ କାନୁନଗୋ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆସାଦ୍ ନିଜାମ୍। ଫିଲ୍ମର ବିଭିନ୍ନ ଭୂମିକାରେ ଅଭିଷେକ ରଥ, ରିତିଷା, ପ୍ରିୟାଙ୍କା, କୃଷ୍ଣା ଅଭିଷେକ, ଜ୍ୟୋତି ମିଶ୍ର ଦେବୁ ପଟ୍ଟନାୟକ ଏବଂ ଗୁଡୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।


(ବାମରୁ) ବି. ଚନ୍ଦ୍ରପ୍ରିୟା ସୁବୁଦ୍ଧି-କୃଷ୍ଣା ଅଭିଷେକ

# ନୀରବତା ଅନ୍ତରାଳେ..

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। ଅତି ଆବଶ୍ୟକ ପଡିଲେ କିଛି ସମୟ କଥା ହେଉଛନ୍ତି। ହେଲେ ଏଭଳି ନୀରବତା ପଛରେ କି କାରଣ ଲୁଚି ରହିଛି ? ଶୁଣିବାକୁ ମିଳୁଛି ଯେ ପ୍ରେମିକ ଇଶାନ ଖଟ୍ଟରଙ୍କ ସହ ତାଙ୍କର ଇଲୁ ଇଲୁର ଦ ଏଣ୍ଡ ହୋଇଯାଇଛି। ତେଣୁ ଏ ନେଇ କାଳେ ସଫେଇ ଦେବାକୁ ପଡିବ ସେଥିପାଇଁ ସେ ଅଧିକାଂଶ ସମୟ ନୀରବ ରହୁଛନ୍ତି। ଦୁହିଁଙ୍କ ଭିତରେ ଗତ ତିନି ବର୍ଷ ଧରି ଫୁଲ୍ ରୋମାନ୍ସ ଚାଲିଥିଲା। ହେଲେ ହଠାତ୍ କ'ଣ ହେଲା କେଜାଣି କିଛି ଦିନ ପୂର୍ବେ ଦୁହିଁଙ୍କର ପ୍ରେମର ପରମାନେଣ୍ଟ ପୂର୍ଣ୍ଣଚ୍ଛେଦ ପଡିଯାଇଛି। ଏକଥାକୁ ନେଇ ଇଶାନ ନୀରବ ରହିବାକୁ ଉଚିତ ମଣୁଛନ୍ତି। ହେଲେ ସେପଟେ ଅନନ୍ୟା ଏ ନେଇ ସଫେଇ ଦେଇ କହନ୍ତି, 'ଆମ ଭିତରେ ପ୍ରେମ ଥିଲା ବୋଲି ଯାହା ଆଲୋଚନା ହେଉଛି ତାହା ଠିକ୍ ନୁହେଁ। ଆମ ମଧ୍ୟରେ କେବଳ ନିବିଡ ବନ୍ଧୁତା ରହିଛି। ଆମକୁ ବଦନାମ କରିବା ପାଇଁ କେହି ଏଭଳି ଅପ୍ରପଚାର ଚଳାଇଛି। ହେଲେ ସେପରି କଥାକୁ ନେଇ ମୁଁ ଆଦୌ ମନଦୁଃଖ କରୁନାହିଁ। ଏ ନେଇ ଯେତେ ନୀରବ ରହିବ ସେତେ ଭଲ।'

# ସଜ ହେଉଛନ୍ତି ରାଧିକା

ରାଧିକା ଆପ୍ଟେ ଏବେ ସଜ ହେଉଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ଶୁଟିଂ ଲାଗି ସେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। କରୋନା ପାଇଁ ଗତ ଦୁଇ ବର୍ଷ ତାଙ୍କ ହାତରେ କୌଣସି ଅଫର ନ ଥିଲା। ଖୁବ୍ ଶୀଘ୍ର ସେ ଅଭିନୟ କରୁଥିବା 'ବିକ୍ରମ ଭେଡା'ର ଶୁଟିଂ ଆରମ୍ଭ ହେବ। ଏକଥା ଜାଣିବା ପରେ ସେ ନିଜର ଫରେନ୍ ଟୁର୍ କ୍ୟାନସେଲ କରି ବମ୍ବେ ଫେରିଆସିଛନ୍ତି। ଏଭଳି ପ୍ରସ୍ତୁତି ନେଇ ରାଧିକା କହନ୍ତି, 'ଯେତେବେଳେ ପ୍ରଯୋଜକ ମୋତେ ଏ ନେଇ ସୂଚନା ଦେଲେ ସେତେବେଳେ ମୁଁ ବିଳମ୍ବ ନ କରି ମୋ ଲଣ୍ଡନ ଟୁର୍‌କୁ କାଣ୍ଟଛାଣ୍ଟ କରି ଭାରତ ଫେରି ଆସିଥିଲି। ଏବେ ନୂଆ ସିନେମାର ଶୁଟିଂ ଆରମ୍ଭ ହେବ। ତେଣୁ ଏଥିପାଇଁ ମୋତେ ପ୍ରାକ୍ ପ୍ରସ୍ତୁତି କରିବାକୁ ପଡିବ। ନିକଟରେ ମୁଁ ଏହାର ନିର୍ଦ୍ଦେଶକ ପୁଷ୍କର-ଗାୟତ୍ରୀଙ୍କୁ ଭେଟିଥିଲି। ଆମ ଭିତରେ ପ୍ରାୟ ତିନି ଘଣ୍ଟାରୁ ଉର୍ଦ୍ଧ୍ୱ ଆଲୋଚନା ହୋଇଥିଲା। ମୋ ରୋଲ୍ ବିଷୟରେ ତାଙ୍କ ନିକଟରୁ ପୁଣି ଥରେ ବିଷଦ ଭାବରେ ବୁଝିନେଇଛି। ମୋର ଯେତିକି ବିଶ୍ୱାସ ଏହି ଫିଲ୍ମଟି ମୋ କ୍ୟାରିୟରରେ ଟର୍ନିଂ ପଏଣ୍ଟ ନିଶ୍ଚୟ ଆଣିବ।' ୨୦୧୭ରେ ଏପରି ଟାଇଟଲକୁ ନେଇ ଏକ ତେଲୁଗୁ ଫିଲ୍ମ ଶୁଟିଂ ହୋଇଥିଲା, ଯାହାକୁ ଦର୍ଶକ ଗ୍ରହଣ କରିଥିଲେ। ଫିଲ୍ମଟିର କାହାଣୀକୁ ନୂଆ ରୂପରେ ଲେଖିଛନ୍ତି ପୁଷ୍କର-ଗାୟତ୍ରୀ। ଉକ୍ତ ଚିତ୍ରଟି ଚଳିତ ବର୍ଷ ସେପ୍ଟେମ୍ବର ୩୦ରେ ପରଦା ଉପରକୁ ଆସିବ।


ରାଧିକା

# ଶପିଂ ନିଶା

ୟାମି ଗୌତମଙ୍କୁ ଏବେ ଶପିଂ ନିଶା ଘାରିଛି। ଯେହେତୁ ତାଙ୍କୁ ଶୁଟିଂରୁ ସାମୟିକ ବ୍ରେକ୍ ମିଳିଛି, ତେଣୁ ଘରେ ବା ବସି ରହିବେ କାହିଁକି, ଶପିଂ କରିବାକୁ ବାହାରି ଯାଉଛନ୍ତି। ସେ କେବଳ ଏକୁଟିଆ ଯାଉନାହାନ୍ତି, ସାଙ୍ଗରେ ନିଜର କେତେଜଣ ଅନ୍ତରଙ୍ଗ ସାଙ୍ଗଙ୍କୁ ମଧ୍ୟ ନେଇଯାଉଛନ୍ତି। ତେଣୁ ଠାକୁର ଦେଖାକୁ କଳଦୀ ଖିଆ ପରି ଶପିଂ ସହ ସାଙ୍ଗମାନଙ୍କ ସହ ବୁଲାବୁଲି ହେଉଛି। ଏ ନେଇ ୟାମି କହନ୍ତି, 'ଏବେ ପ୍ରାୟ ସନ୍ଧ୍ୟା ସମୟରେ ଶପିଂ ପାଇଁ ବାହାରି ଯାଉଛି। ସାଙ୍ଗମାନଙ୍କ ସହ ଶପିଂ କରିବାର ମଜା ନିଆରା। ଏହା ସହ ନିଜ ଫିଟ୍‌ନେସ୍ ପ୍ରତି ଧ୍ୟାନ ଦେବାକୁ ଭୁଲୁ ନାହିଁ।'

# ମନେପଡୁଛି ତବଲା

ରଣବୀର କପୁର ଇତି ମଧ୍ୟରେ କପୁର ଖାନଦାନ୍‌ର ଦାୟଦ ଭାବରେ ନିଜର ଅଭିନୟ ଦକ୍ଷତା ଅନେକ ସିନେମାରେ ଦେଖାଇସାରିଛନ୍ତି। ହେଲେ ଅଭିନୟ ପୂର୍ବରୁ ସେ ସହ ନିର୍ଦ୍ଦେଶକ ଭାବରେ କେତୋଟି ଫିଲ୍ମ ପାଇଁ କାମ କରିଥିଲେ। ପିଲାଦିନେ ରଣବୀର ତବଲା ମଧ୍ୟ ବଜାଉଥିଲେ। ଏ ସମ୍ପର୍କରେ ରଣବୀର କହନ୍ତି, 'ଟିଭିରେ ତବଲା ବାଦନ ଦେଖି ମୋର ଏଥିପ୍ରତି ଆଗ୍ରହ ଜନ୍ମିଥିଲା। ଉଭୟ ମାମା ଏବଂ ବାବା ମୋତେ ଏ ନେଇ ଉତ୍ସାହିତ କରିଥିଲେ। ଏବେ ତ ତବଲା ବଜାଇବାକୁ ସମୟ ମିଳୁନାହିଁ। ତଥାପି ଯେତେବେଳେ ଟିକେ ସମୟ ମିଳେ ସେତେବେଳେ ତବଲା ବଜାଇବାକୁ ବସିଯାଇଥାଏ।' ଏପରିକି 'ରକ୍ଷ୍ଟାର' ଫିଲ୍ମରେ ସେ ଗୀଟାର ବଜାଉଥିବାର ଦେଖିବାକୁ ମିଳିଥିଲା।


ରଣବୀର

# ଅପେକ୍ଷା ଜୁନ୍‌କୁ

ବିଶ୍ୱ ସୁନ୍ଦରୀ ମୁକୁଟ ପିନ୍ଧିବା ପରେ ମାନୁଷୀ ଚିଲ୍ଲାର ବଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି। ତାଙ୍କର ଡେବ୍ୟୁ ଫିଲ୍ମଟି ହେଲା 'ପୃଥ୍ୱୀରାଜ'। ଚିତ୍ରଟି ଚଳିତବର୍ଷ ଜୁନ୍‌ରେ ମୁକ୍ତିଲାଭ କରିବାକୁ ଯାଉଛି। ତେଣୁ ଏବେଠାରୁ ଦିନ ଗଣିବା ଆରମ୍ଭ କରିଛନ୍ତି ଏହି ନବାଗତା। ନିଜର ପ୍ରଥମ ସିନେମା ବିଷୟରେ ସେ କହନ୍ତି, 'ୟଶରାଜ ଫିଲ୍ମସ ପରି ନାମୀ ବ୍ୟାନରରେ ମୁଁ ମୋ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଛି। ଏଥିରେ ମୋର ନାୟକ ସାଜିଛନ୍ତି ଅକ୍ଷୟ କୁମାର। ଫିଲ୍ମଟି ମୋ ଜୀବନରେ ସ୍ମରଣୀୟ ହୋଇ ରହିବ।' ଐତିହାସିକ ପୃଷ୍ଠଭୂମିକୁ ଆଧାର କରି ଉକ୍ତ ସିନେମାଟି ନିର୍ମିତ ହୋଇଛି। ଯୋଦ୍ଧା ପୃଥ୍ୱୀରାଜଙ୍କ ଜୀବନୀକୁ ନେଇ କାହାଣୀ ରଚନା କରାଯାଇଛି। ଏହି ଫିଲ୍ମରେ ଅକ୍ଷୟ କୁମାର, ମାନୁଷୀ ଚିଲ୍ଲାରଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ସୋନୁ ସୁଦ୍, ଆଶୁତୋଷ ରାଣା ଏବଂ ସାକ୍ଷୀ ତନୱାର ମଧ୍ୟ ଅଭିନୟ କରିଛନ୍ତି।


ମାନୁଷୀ


ୟାମି

## ପ୍ରଥମ ରୋଜଗାର

# ଦରମା ଟଙ୍କାରେ ଠାକୁରଙ୍କ ପାଖେ ଭୋଗ କରିଥିଲି



ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ **ଡ.ଦୟାସିନ୍ଧୁ ପରିଡ଼ା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ବା**ଲେଶ୍ୱର ଜିଲା ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ନାରାୟଣପୁର ଗାଁରେ ମୋ ଜନ୍ମ। ସ୍ଥାନୀୟ କିର୍ତ୍ତିଚନ୍ଦ୍ର ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ଫକିରମୋହନ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ରେଭେନ୍ସାରେ ଯୁକ୍ତ ତିନି ପଢ଼ିଥିଲି। ତା'ପରେ ଉତ୍କଳ ୟୁନିଭର୍ସିଟିରେ ସୋସିଓଲୋଜିରେ ଏମ୍.ଏ, ଏମ୍.ଫିଲ୍ ଏବଂ ଶେଷରେ ପି.ଏଚ୍.ଡି ମଧ୍ୟ କରିଥିଲି। ବାଳିକା ଶିକ୍ଷା ଉପରେ ଥେସିସ୍ ଲେଖି ୨୦୧୪ରେ ଡକ୍ଟରେଟ୍ ଡିଗ୍ରୀ ହାସଲ କଲି। ତେବେ ଏମ୍.ଫିଲ୍ ପାସ୍ କରିବା ପରେ ବି.ଇଡି ମଧ୍ୟ କରିଥିଲି ଆଉ ତା'ପରେ ସର୍ବଶିକ୍ଷା ଅଭିଯାନରେ ବାଳିକା ଶିକ୍ଷା ସଂଯୋଜକ ଭାବେ ଚାକିରି କରିବାର ସୁଯୋଗ ପାଇଥିଲି। ପୋଷ୍ଟି ବଲାଙ୍ଗୀରରେ ହୋଇଥିଲା। ପାଞ୍ଚ ହଜାର ଦୁଇଶହ ଥିଲା ଦରମା। ପ୍ରଥମ ମାସ ଦରମା ପାଇଲା ପରେ ସର୍ବପ୍ରଥମେ ଠାକୁରଙ୍କ ପାଖେ ଭୋଗ କରିଥିଲି। ତା'ପରେ ଘରର ସମସ୍ତଙ୍କ ପାଇଁ ମୋ ସାଧ୍ୟମତେ ନୂଆ ଲୁଗା କିଣିଥିଲି। ପାଞ୍ଚ ଭାଇଙ୍କ ଭିତରେ ସବା ସାନ ହୋଇଥିବାରୁ ଘରେ ସମସ୍ତଙ୍କର ଗେହ୍ଲା ଥିଲି। ତେଣୁ ମୋ କଷ୍ଟ ଅର୍ଜିତ ରୋଜଗାରରେ ସମସ୍ତଙ୍କ ପାଇଁ ନୂଆ ଲୁଗା ନେଇଥିବାରୁ ଘରେ ସମସ୍ତେ ବହୁତ ଖୁସି ହୋଇଥିଲେ। ବଲାଙ୍ଗୀରରେ ଦୁଇ ବର୍ଷ ରହିବା ପରେ ସମ୍ବଲପୁରକୁ ବଦଳି ହୋଇଗଲି ଆଉ ସେଠାରେ ୪ ବର୍ଷ କାମ କଲି। ସେଠାରେ କାମ କରୁଥିବା ସମୟରେ ଓଏଏସ୍ ପରୀକ୍ଷା ଦେଇଥିଲି। ସେଥିରେ କୃତକାର୍ଯ୍ୟ ହେବାରୁ କୋରାପୁଟ ସେଟେଲ୍ମେଣ୍ଟ ଅଫିସ୍‌ରେ ଆସିଷ୍ଟାଣ୍ଟ ସେଟେଲ୍ମେଣ୍ଟ ଅଫିସ୍‌ର ଭାବେ ୨୦୧୦ ଅକ୍ଟୋବରରେ ଜଏନ୍ କଲି। ଦୁଇବର୍ଷ ପରେ ବାରିପଦା ବଦଳି ହେଲା। ଆଉ ସେଠାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ଭାବେ କାମ କରିବାକୁ ଲାଗିଲି। କିଛିଦିନ ପରେ ତହସିଲଦାର ଭାବେ ମୋର ବଦଳି ହେଲା ମୟୂରଭଞ୍ଜ ଜିଲା ଅନ୍ତର୍ଗତ ସୁଳିଆପଦା ତହସିଲ ଅଫିସ୍‌କୁ। ତା'ପରେ ପୁଣି କିଛିଦିନ ମୋରଡା ତହସିଲ ଅଫିସ୍‌ରେ କାମ କରି ଗତ ୨୦୧୮ ସେପ୍ଟେମ୍ବରରୁ ଗଞ୍ଜାମ ଜିଲା ଅନ୍ତର୍ଗତ ଶେରଗଡ଼ ତହସିଲଦାର ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନା କରି ଆସୁଅଛି। ଚାକିରୀ ଜୀବନବାଦ୍ ଶିଶୁ ସାହିତ୍ୟ, ବ୍ୟଙ୍ଗ କବିତା ତଥା କ୍ଷୁଦ୍ର ନାଟକ ଲେଖିବାରେ ରହିଛି ମୋର ଖୁବ୍ ରୁଚି। ୟା'ଭିତରେ 'ସୁନାପିଲା' ନାମରେ ଏକ ଶିଶୁ କବିତା ସଂକଳନ ମୋର ପ୍ରକାଶିତ ହୋଇସାରିଛି; ଯାହା ରାଜା ରାମମୋହନ ଲାଇବ୍ରେରୀରେ ମଧ୍ୟ ସ୍ଥାନ ପାଇଛି। କେବଳ ସେତିକି ନୁହେଁ, ମନୁଷ୍ୟ ଜୀବନର ତତ୍ତ୍ୱ ଓ ଦର୍ଶନ ଉପରେ ପର୍ଯ୍ୟବେସିତ ପ୍ରାୟ ୫୦ଟି କବିତାକୁ ନେଇ 'ବରଗଛ' ଏବଂ ପ୍ରକୃତି ଓ ମନୁଷ୍ୟ ଭିତରେ ଥିବା ସମ୍ପର୍କକୁ ନେଇ ଲେଖାଯାଇଥିବା କେତୋଟି କବିତାକୁ ନେଇ 'ମୌସୁମୀ' ନାମରେ ଦୁଇଟି କବିତା ସଂକଳନ ବି ମୋର ପ୍ରକାଶିତ ହୋଇସାରିଛି। ଏହାଛଡ଼ା ମୁଁ ପ୍ରାୟ ୧୨ଟି କ୍ଷୁଦ୍ର ନାଟକ ମଧ୍ୟ ଲେଖିଛି। ତନ୍ମଧ୍ୟରୁ କୁଇ ଜଳିଗଲା ପରେ, ଜାତକ ଦେଖାରୁ ରାତିପାହିଲା, ପାଠଶାଳାରୁ ପାର୍ଲାମେଣ୍ଟ, ସର୍ବେ ହୋଇବେ ଏକାକାର, ଜୀବନର ଜଉଘର, ସାଗର ସେପାରୀ ସ୍ୱପ୍ନ ଇତ୍ୟାଦି ଅନ୍ୟତମ। ମୋ ଲିଖିତ ସମସ୍ତ ନାଟକ ବିଭିନ୍ନ ଅନୁଷ୍ଠାନ ତରଫରୁ ମଞ୍ଚସ୍ଥ ମଧ୍ୟ ହୋଇସାରିଛି। ଏପରିକି 'ପାଠଶାଳାରୁ ପାର୍ଲାମେଣ୍ଟ' ନାଟକଟି ବଲାଙ୍ଗୀର ଆକାଶବାଣୀ ତରଫରୁ ପ୍ରସାରିତ ମଧ୍ୟ ହୋଇସାରିଛି। ସେହିପରି ମୋ ଲିଖିତ 'ସାଗର ସେପାରୀ ସ୍ୱପ୍ନ' ନାଟକଟି ରେଭେନ୍ସା ନାଟକ ପ୍ରତିଯୋଗିତାରେ ପରିବେଷଣ ହୋଇ ଏକକାଳୀନ ୮ଟି ପୁରସ୍କାର ପାଇଛି। ଯେମିତିକି: ଶ୍ରେଷ୍ଠ ଅଭିନେତା, ଖଳଅଭିନେତା, ହାସ୍ୟାଭିନେତା, ନିର୍ଦ୍ଦେଶନା, ମ୍ୟୁଜିକ ଇତ୍ୟାଦି। ତେବେ ମୁଁ କେବଳ ନାଟକ ଲେଖେ ତାହା ନୁହେଁ, ଅନେକ ନାଟକରେ ଅଭିନୟ କରିବା ସହ ନିର୍ଦ୍ଦେଶନା ବି ଦେଇଛି।

# ମଉନାବତୀର ତେରେଛା ହସ, ତହିଁରେ ରହିଛି ପ୍ରେମର ଫାଶ

**ପ୍ରଶ୍ନ**–ଜଣେ ସୁନ୍ଦରୀର ହସରେ ମୁଁ ଯେମିତି ପାଗଳ ହୋଇଯାଇଛି। ଆମେ ଦୁହେଁ 'ମେଡ୍ ଫର ଇଚ୍ ଅଦର' ବୋଲି ଅନୁମାନ ହେଉଛି। ହେଲେ ତାହାର ସେ ହସରେ ପ୍ରେମ ରହିଛି ତ ?

*–ବିକାଶ ରାଉତ, କେନ୍ଦ୍ରାପଡା*

**ଉତ୍ତର :** ସେହି ସୁନ୍ଦରୀ ହସକୁ ଆପଣ ପ୍ରଥମେ ଭଲ ଭାବରେ ତର୍ଜମା କରନ୍ତୁ। ସେଥିରୁ ଯଦି ପ୍ରେମର ଇସାରା ପାଉଛନ୍ତି, ତେବେ ବିଳମ୍ବ କଲେ ହୁଏତ ସୁଯୋଗ ହାତଛଡା ହୋଇଯାଇପାରେ। କାରଣ 'ମଉନାବତୀର ତେରେଛା ହସ, ତହିଁରେ ରହିଛି ପ୍ରେମର ଫାଶ। ସମୟ ସୁବିଧା ଦେଖି ଯାହାକୁ ମନର ମାନସୀ ବୋଲି ଭାବିନେଇଛନ୍ତି ତାଙ୍କୁ ନିଜ ମନ କଥା କହନ୍ତୁ। ଯଦି ଆପଣଙ୍କ କଥା ତାଙ୍କର ମନକୁ ଛୁଇଁଲା, ତେବେ ଜାଣିନିଅନ୍ତୁ ଯେ, ଆପଣ ଖୋଜୁଥିବା ଚିଜ ମିଳିଗଲା।

**ପ୍ରଶ୍ନ**–ମୁଁ ଏବେ କଲେଜରେ ପଢୁଛି। ମୋଠାରୁ ବୟସରେ ବଡ ଜଣେ ଝିଅକୁ ଏକତରଫା ପ୍ରେମ କରିବସିଛି। ଏପରି ପ୍ରେମରେ ମୁଁ ଆଗକୁ ଆଗେଇବା ଠିକ୍ ହେବ ତ ?

*–ଅଜୟ ସାହୁ, ସୁନାବେଡା*

**ଉତ୍ତର :** ଏକତରଫା ପ୍ରେମରେ କ୍ଷଣିକ ମଜା ଥାଏ। ହେଲେ ସେହି ମଜା ସବୁବେଳେ ଯେ ମିଳିବ ତାହା ଭାବିବା ଭୁଲ। ତେଣୁ ଯାହାଙ୍କୁ ଏକତରଫା ପ୍ରେମ କରୁଛନ୍ତି ତାଙ୍କ ମନ ଭିତରେ ଆପଣଙ୍କ ପାଇଁ ସ୍ଥାନ ଅଛି କି ନାହିଁ ତାହା ଜାଣି ନିଅନ୍ତୁ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଇଲେ କିଛି ଲାଭ ନାହିଁ। ଦୁଇଟି ମନ ଠିକ୍ ଭାବରେ ମିଶିଲେ ସେଥିରୁ ପ୍ରେମର ଅସଲ ମଜା ଅନୁଭୂତ ହୋଇଥାଏ।

ତେଣୁ ପ୍ରଥମେ ନିଜ ମନରୁ ଏହି ଏକତରଫା ପ୍ରେମର ଭୂତକୁ ଉତାରି ଦିଅନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ତାକୁ ମୁଁ ମୋ ମନର କଥା କହିବାକୁ ଡର ଲାଗୁଛି। ତାକୁ କେମିତି ମନର କଥା କହିବି ଜାଣିପାରୁନାହିଁ।

*–ସମୀର ନାୟକ, କଟକ*

**ଉତ୍ତର :** ପ୍ରେମରେ ଯିଏ ଡରିଗଲା ସିଏ ହାରିଗଲା। ମନରେ ସାହସ ଏକଜୁଟ୍ କରନ୍ତୁ। ଏପରି ସୁଯୋଗ ପାଇବା ପରେ ବି ତାକୁ ୟୁଟିଲାଇଜ ନ କରି ଆପଣ ଡରୁଛନ୍ତି ! ଏମିତିରେ ଆପଣ ପ୍ରେମ କେମିତି କରିବେ ତାହା ତ ସନ୍ଦେହ ଘେରରେ। ସେପଟୁ ଗ୍ରୀନ୍ ସିଗନାଲ୍ ମିଳୁଛି ମାନେ ଆଉ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ। ଯେତେ ବିଳମ୍ବ କରିବେ ଚାନ୍ସଟି ହାତରୁ ଖସି ଯିବାର ସମ୍ଭାବନା ରହିଛି।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ଜୀବନ, ଭୁବନେଶ୍ୱର*

**ଉତ୍ତର :** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛର କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ, ଓନଲି ମସ୍ତି !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ତ ବାହା ହୋଇପାରିଲି ନାହିଁ। ତା' ସାଙ୍ଗଙ୍କୁ ବାହା ହୋଇଛି। ହେଲେ ମୋ ପୂର୍ବ ପ୍ରେମିକା ସହ ଭେଟ ହେବା ପରେ ମୁଁ ପୁଣି ଥରେ ତା' ପ୍ରେମରେ ପଡିଯାଇଛି। ଏବେ ମୁଁ କ'ଣ କରିବି ଜାଣିପାରୁନାହିଁ।

*–ତପନ, ଭଦ୍ରକ*

**ଉତ୍ତର :** କଥାରେ ଅଛି–ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ'। ଆପଣ ବିବାହିତ। ହେଲେ ପୁଣି ଥରେ ନିଜର ପୂର୍ବତନ ପ୍ରେମିକା ପ୍ରେମରେ ପଡିଗଲେଣି। ତେଣୁ ଏହାର ପରିଣାମ କ'ଣ ହେବ ଚିନ୍ତା କରନ୍ତୁ। ଜୋସ୍‌ରେ ସିନା ସେହି ପ୍ରେମିକା ସହ ପୁଣି ଥରେ ପ୍ରେମର ମଜା ନେବେ, ହେଲେ ଏହା ଦିନେ ପରମାଣୁ ବୋମା ପରି ଆପଣଙ୍କ ବୈବାହିକ ଜୀବନକୁ ଧ୍ୱଂସ କରିଦେବ। ତେଣୁ ବେଳ ଥାଉ ଥାଉ ସେହି ରାସ୍ତାରୁ ଓହରି ଆସନ୍ତୁ।



ସାଥୀ






# ନୂଆରୂପରେ ମାଟିପାତ୍ର

ଦିନକୁ ଦିନ ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଉଛି। ତେଣୁ ଲୋକମାନେ ସ୍ୱାସ୍ଥ୍ୟପଯୋଗୀ ଜିନିଷ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି। ଯେଉଁଥିରେ ଏକ ପ୍ରମୁଖ ଭୂମିକା ନେଉଛି ମାଟିପାତ୍ର। କାରଣ ଖାଦ୍ୟ ପ୍ରସ୍ତୁତିରେ ଏହାର ରହିଛି ପ୍ରମୁଖ ଭୂମିକା। ନନ୍‌ଷ୍ଟିକ ଓ ଆଧୁନିକ ବାସନ ବଦଳରେ ଲୋକମାନେ ଏବେ ପାରମ୍ପରିକ ମାଟିପାତ୍ର ବ୍ୟବହାର କରିବାକୁ ଆଗଭର ହେଲେଣି। ଯାହାଫଳରେ କୁମ୍ଭକାରମାନେ ମାଟିପାତ୍ରର ରୂପରେଖ ବଦଳାଇ ନୂଆ ନୂଆ ଡିଜାଇନରେ ମାଟିପାତ୍ର ପ୍ରସ୍ତୁତ କରୁଛନ୍ତି। କାରଣ ମାଟିପାତ୍ରରେ ରୋଷେଇ ହେଉ କି ପାନୀୟଜଳ ବ୍ୟବହାର କଲେ ଏହାର ଗୁଣବତ୍ତା ନଷ୍ଟ ହୋଇ ନ ଥାଏ। ଏବେ ପୁରୁଣା ମାଟିପାତ୍ରର ରୂପରେ ପରିବର୍ତ୍ତନ ଘଟିଛି। ମାଟିର ଫ୍ରିଜ୍, ଫିଲ୍ଟର, ବାସନକୁସନ ଆଦି ସାମଗ୍ରୀ ମିଳୁଛି। ଯାହା ଯୁଗ ଉପଯୋଗୀ ହେବା ସହ ଘରର ସାଜସଜ୍ଜା ଓ ସୌଖୀନ ସାମଗ୍ରୀ ଭାବେ ବ୍ୟବହାର ହୋଇପାରୁଛି। ବିଶେଷକରି ଖରାଦିନେ ଥଣ୍ଡା ପାନୀୟ ଜଳ ସାଇତି ରଖିବା ପାଇଁ ମାଟିର ସୁରେଇ ଓ ମାଠିଆକୁ ଅଧିକାଂଶ ବ୍ୟବହାର କରିଥାନ୍ତି।ତେବେ କୌଳିକବୃତ୍ତିର ଦାୟରେ ମାଟିପାତ୍ର ଗଢି ପରିବାର ପ୍ରତିପୋଷଣ କରୁଥିବା କୁମ୍ଭକାରମାନେ ନିଜର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ମାଟିପାତ୍ରକୁ ନୂଆନୂଆ ରୂପ ଦେବା ସହ ଘର ସାଜସଜ୍ଜା ପାଇଁ ଟେରାକୋଟାକୁ ଆପଣେଇଛନ୍ତି। ତାହା ନିଶ୍ଚିତଭାବେ ସ୍ୱାଗତ ଯୋଗ୍ୟ। ଏମିତି ଜଣେ ମାଟି କାରିଗର ହେଲେ ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକର ଗେଡ଼ା ଗାଁର ବାସିନ୍ଦା ହେଲେ ମଧୁ ରଣା । ସେ କୁହନ୍ତି, ଆମ ପରିବାରର ସମସ୍ତେ ଏଇ ମାଟିକାମ କରି ପେଟ ପୋଷନ୍ତି। ମୁଁ ପଞ୍ଚମ ଯାଏ ପଢିଛି କିନ୍ତୁ ପ୍ରାୟ ୧୩ବର୍ଷ ବୟସରୁ ଏହି ମାଟିକାମ କରିଆସୁଛି। ଆମ ଗାଁ ନିକଟ ସୁକତେଲ ନଦୀ କୂଳରୁ ଓଦାମାଟି ସଂଗ୍ରହକରି ଆଣିଥାଉ। ଶାଳ ଘରେ ଚକରେ ମାଟିର କପ, ଗ୍ଲାସ, ହାଣ୍ଡି, ମାଠିଆ, ପ୍ରେସରକୁକର, ଫ୍ରିଜ୍, ଫିଲ୍ଟର, ମାଟିର କଡ଼େଇ, ମାଟି ଚୁଲା, ମାଟିର ଥାଳି, ଜଗ୍ ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରାଯାଇଥାଏ। ଗୋଟିଏ ଗୋଟିଏ ମାଟିପାତ୍ରର ମୂଲ୍ୟ ୨୦ଟଙ୍କାରୁ ଆରମ୍ଭ କରି ୧ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଖୋର୍ଦ୍ଧା ଜିଲା ସୋରଣ ଗ୍ରାମର ଅମରେନ୍ଦ୍ର ମାନସିଂ କୁହନ୍ତି, ଆମ ଘରେ ମାଟିସୁରେଇରେ ପାନୀୟଜଳ ବ୍ୟବହାର ପାଇଁ ରଖିଥାଉ। ଏବେ ତୋଷାଳି ମେଳାରୁ ମାଟିର ଥାଳି ଓ ଗ୍ଲାସ ନେଇଛି। ଏହା ଦେଖିବାକୁ ଖୁବ୍ ସୁନ୍ଦର। ଏହି ପାତ୍ରରେ ଖାଦ୍ୟ ଖାଇବା ଓ ପାଣି ରଖି ପିଇବା ଦେହପାଇଁ ହିତକର। ପିଇବା ପାଇଁ ବି ଭଲ ଲାଗୁଛି। ପାଣି ଥଣ୍ଡା ରହିବା ସହ ପାଣିର ଏକ ଭଲ ବାସ୍ନା ଆସୁଛି। ମାଟିର ଫିଲ୍ଟର କିଣି ନେଉଥିବା ପଙ୍ଗାମୁଣ୍ଡାଇ ଅଞ୍ଚଳର ସତ୍ୟରଞ୍ଜନ ବେହେରା କୁହନ୍ତି, ପ୍ରଥମକରି ଏହି ମେଳାରେ ମାଟିର ଫିଲ୍ଟର ଦେଖି ଖୁସି ଲାଗିଲା। ଏବେ ୪ଶହ ଟଙ୍କା ଦେଇ ଏହାକୁ କିଣିଛି। ବାଣପୁର ଅଞ୍ଚଳର ପ୍ରସାଦ ରଣସିଂ କୁହନ୍ତି, ଆଜିକାଲି ଲୋକମାନେ ପରିବେଶ ପ୍ରଦୂଷଣରୁ ମୁକ୍ତି ପାଇଁ ପ୍ରାକୃତିକ ଉପାୟରେ ତିଆରି ମାଟିପାତ୍ରରେ ଖାଇବାକୁ ଭଲପାଉଛନ୍ତି। ଘର ପାଇଁ ମାଟିର ଥାଳି, ଜଗ୍, କଡ଼େଇ, ଫ୍ରିଜ୍, ଫିଲ୍ଟର ନେଉଛି। ଶିକ୍ଷୟିତ୍ରୀ ପ୍ରତିଭା ବଳିୟାରସିଂ କୁହନ୍ତି, ଆଜକୁ ପ୍ରାୟ ୨୫ବର୍ଷ ଧରି ଘରେ ମାଟିପାତ୍ରରେ ପାନୀୟଜଳ ରଖି ବ୍ୟବହାର କରିଆସୁଛୁ। ଏହାଦ୍ୱାରା ଜଳ ଖୁବ୍ ଥଣ୍ଡା ରହୁଛି। ମାଟିସୁରେଇରୁ ପାଣି ପିଇଲେ ଖୁବ୍ ଶାନ୍ତି ଲାଗୁଛି। ଠଣସୁନ୍ଦର ରଣା କୁହନ୍ତି, ମେଳାମହୋତ୍ସବରେ ଯୋଗଦେବା ପୂର୍ବରୁ ଅଧିକ ପରିମାଣରେ ମାଟିର ବିଭିନ୍ନ ସାମଗ୍ରୀ ତିଆରି କରି ସାଇତି ରଖିଥାଉ। ଆମ ଅଞ୍ଚଳରେ ଏକାଧିକ ମାଟି ସାମଗ୍ରୀ ତିଆରି କରୁଥିବା କାରିଗରମାନେ ଅଛନ୍ତି। ସେମାନେ ତିଆରି କରିଥିବା ମାଟିର ପାତ୍ରକୁ ବିଭିନ୍ନ ମେଳାମହୋତ୍ସବରେ ବିକ୍ରି କରିବାକୁ ଆଣିଥାନ୍ତି। ବିଶେଷକରି ଖରାଦିନେ ମାଟିର ସୁରେଇ ପରିବର୍ତ୍ତେ ନୂତନ ଭାବେ ତିଆରି ହୋଇଥିବା ସୁନ୍ଦର ସୁନ୍ଦର ମାଟିର ଫିଲ୍ଟର ଓ ଫ୍ରିଜ୍‌ରେ ପାଣି ରଖିବା ପାଇଁ ବହୁଳମାତ୍ରାରେ ଲୋକମାନେ ଏହାକୁ କିଣି ନେଉଛନ୍ତି। ପ୍ରାକୃତିକ ଉପାୟରେ ନିରୋଗ ରହିବା ପାଇଁ ଏହା ବ୍ୟବହାର ହେଉଥିବାରୁ ଏବେ ପୁଣି ମାଟିପାତ୍ରର ଚାହିଦା ବଢ଼ିବାକୁ ଲାଗିଛି।

—ବନବିହାରୀ

**ଖାଦ୍ୟର ଗୁଣବତ୍ତା ବଜାୟ ରଖେ ମାଟିପାତ୍ର**

ଡାକ୍ତର ବାସୁଦେବ ପ୍ରଧାନ କୁହନ୍ତି, ମାଟି ପଞ୍ଚମହାଭୂତରୁ ଅନ୍ୟତମ। ମଣିଷଶରୀର ପଞ୍ଚମହାଭୂତରେ ତିଆରି। ଶରୀରର ମାଟିର ପରିବେଶ ସହିତ ସାମଞ୍ଜସ୍ୟ ରହିଛି। ଆୟୁର୍ବେଦିକ ଚିକିତ୍ସା ପଦ୍ଧତିରେ ବିଭିନ୍ନ ଅରିଷ୍ଟ ମାଟିପାତ୍ରରେ ତିଆରି ହୁଏ। ଯାହା ସେହି ଔଷଧର ଗୁଣବତ୍ତା ବଜାୟ ରଖିଥାଏ। ମାଟିପାତ୍ରରେ ଖାଦ୍ୟର ଗୁଣାବତ୍ତା ରହିଥାଏ। ଏହା ଶରୀର ପାଇଁ ଲାଭଦାୟକ ହୋଇଥାଏ।















## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଜୟାନୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

## ହା:ହା:

### ଫରକ

ଶିକ୍ଷକ: ପିଲେ କହିଲ ଦେଖି ଡ୍ରାଇଭର୍ ଓ କଣ୍ଡକ୍ଟର ଭିତରେ ଫରକ କ'ଣ ?
ମଣ୍ଟୁ: ସାର୍, କଣ୍ଡକ୍ଟର ଶୋଇ ପଡିଲେ କାହାର ଟିକେଟ୍ କାଟି ହେବନି। କିନ୍ତୁ ଡ୍ରାଇଭର୍ ଶୋଇ ପଡିଲେ ସମସ୍ତଙ୍କ ଟିକେଟ କଟିଯିବ।

### କମ୍ କର

ଦୋକାନୀ ଗ୍ରାହକମାନଙ୍କୁ: ୧୦୦ଟଙ୍କାରେ ୧୦ଟା ନିଅନ୍ତୁ।
ମହିଳା: କିଛି କମ୍ କରନ୍ତୁ।
ଦୋକାନୀ: ହଉ ଠିକ୍ ଅଛି। ୮୦ ଟଙ୍କାରେ ୮ଟା ନିଅନ୍ତୁ।
ମହିଳା: ଥାଙ୍କ ୟୁ ଭାଇ। ଏବେ ଦେଇଦିଅ।

### ଛୋଟ

ସ୍ତ୍ରୀ ସ୍ୱାମୀଙ୍କୁ: ହେଇଟି ଶୁଣୁଛ ମୁଁ ଯୋଉ ନୂଆ ଡ୍ରେସ୍‌ଟା ଆଣିଥିଲି ତାକୁ ସର୍ଫରେ ସଫା କରିଦେବାରୁ ଛୋଟ ହୋଇଗଲା। ଏବେ ମୁଁ କ'ଣ କରିବି ?
ସ୍ୱାମୀ: ଗୋଟେ କାମ କର, ତମେ ବି ସେଇ ସର୍ଫରେ ଗାଧେଇ ପଡ। ଦେଖିବ ତମେ ଛୋଟ ହେଇଯିବ ଓ ସେ ଡ୍ରେସ୍ ତମକୁ ପୁଣିଥରେ ଫିଟ୍ ହେଇଯିବ।



## ପ୍ରସିଦ୍ଧ ଶୈବପୀଠ

# ବୈଦ୍ୟନାଥ ମନ୍ଦିର

**ଝାଡ଼ଖଣ୍ଡର ଦେଓଘରଠାରେ ରହିଛି ଦେବ ଦେବ ମହାଦେବଙ୍କର ଏକ ପବିତ୍ର ଶୈବପୀଠ; ଯାହାର ନାଁ ହେଉଛି ବୈଦ୍ୟନାଥ ଜ୍ୟୋତିର୍ଲିଙ୍ଗ ମନ୍ଦିର। ଭାରତରେ ଦେଖିବାକୁ ମିଳୁଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏହା ଅନ୍ୟତମ...**

ବୈଦ୍ୟନାଥ ଜ୍ୟୋତିର୍ଲିଙ୍ଗ ମନ୍ଦିର, ଯାହାକୁ କେହି କେହି ବାବା ବୈଦ୍ୟନାଥ ଧାମ କିମ୍ବା ବୈଦ୍ୟନାଥ ମନ୍ଦିର ବୋଲି ମଧ୍ୟ କହିଥାନ୍ତି। ଦେବ ଦେବ ମହାଦେବଙ୍କର ଏହି ଲୋକପ୍ରିୟ ଶୈବପୀଠଟି ଝାଡ଼ଖଣ୍ଡର ଦେଓଘରଠାରେ ଅବସ୍ଥିତ। ଭାରତରେ ଦେଖିବାକୁ ମିଳୁଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏହା ଗୋଟିଏ ହୋଇଥିବାରୁ ଏଠାରେ ବର୍ଷସାରା ପର୍ଯ୍ୟଟକଙ୍କର ଯା'ଆସ ଲାଗି ରହିଥାଏ। କିନ୍ତୁ ବିଶେଷକରି ମହାଶିବରାତ୍ରୀ ଓ ଶ୍ରାବଣ ମାସରେ ଏଠାରେ ଶ୍ରଦ୍ଧାଳୁଙ୍କର ଖୁବ୍ ଭିଡ଼ ଦେଖିବାକୁ ମିଳିଥାଏ।



### ପ୍ରଭୁଙ୍କ ଆର୍ବିଭାବକୁ ନେଇ କିମ୍ବଦନ୍ତୀ


କିମ୍ବଦନ୍ତୀ ଅନୁଯାୟୀ, ଲଙ୍କାପତି ରାବଣ ଏକଦା ହିମାଳୟରେ ଦେବ ଦେବ ମହାଦେବଙ୍କର ଆଶୀର୍ବାଦ ପାଇବା ନିମନ୍ତେ ଘୋର ତପସ୍ୟା କରିଥିଲେ। ପ୍ରଭୁଙ୍କୁ ପ୍ରସନ୍ନ କରିବା ପାଇଁ ନିଜର ଗୋଟିଏ ପରେ ଗୋଟିଏ ମୁଣ୍ଡକୁ ସେ କାଟି ପକାଇଥିଲେ। ଏହିପରି ନଅଟି ମୁଣ୍ଡ କାଟି ସାରିବା ପରେ ଦଶମ ମୁଣ୍ଡ କାଟିବାକୁ ଉଦ୍ୟମ କରନ୍ତେ ପ୍ରଭୁ ଭୋଳାଶଙ୍କର ପ୍ରକଟ ହୋଇ ରାବଣଙ୍କୁ ସେପରି ନ କରିବାକୁ ବାରଣ କରିଥିଲେ। ଆଉ ତପସ୍ୟାରେ ପ୍ରସନ୍ନ ହୋଇଥିବାରୁ ରାବଣଙ୍କୁ ତାଙ୍କ ଇଚ୍ଛା କ'ଣ ବୋଲି ପଚାରିବାରୁ ରାବଣ ପ୍ରଭୁଙ୍କୁ କହିଥିଲେ ଯେ, 'ମୁଁ ଆପଣଙ୍କ ଲିଙ୍ଗକୁ ମୋ ରାଜ୍ୟକୁ ନେଇ ସ୍ଥାପନ କରିବାକୁ ଚାହୁଁଛି, ତେଣୁ ଆପଣ ଲିଙ୍ଗ ରୂପରେ ମୋ ସାଙ୍ଗେ ଚାଲନ୍ତୁ।' ଏକଥା ଶୁଣି ପ୍ରଭୁ ଟିକେ ସ୍ମିତ ହାସ୍ୟ ଦେଇ କହିଲେ, ଠିକ୍ ଅଛି ମୁଁ ଲିଙ୍ଗ ରୂପରେ ତୁମ ସହିତ ଯିବାକୁ ରାଜି ଅଛି। କିନ୍ତୁ ଭୁଲ୍‌ରେ ବି ଯଦି ତୁମେ ସେହି ଲିଙ୍ଗଟିକୁ ପୃଥିବୀ ପୃଷ୍ଠରେ କେଉଁଠି ରଖିଦେବ, ତା'ହେଲେ ସେଠାରେ ତାହା ଅଚଳ ହୋଇଯିବ। ଯେତେ ଚେଷ୍ଟା କଲେ ବି ତାକୁ ତୁମେ ଆଉ ନେଇପାରିବ ନାହିଁ। ରାବଣ ଏକଥାରେ ରାଜି ହେଲେ। ତା'ପରେ ପ୍ରଭୁ ରାବଣଙ୍କୁ ଆଶୀର୍ବାଦ କରିବା ସହ ତାଙ୍କର କଟିଯାଇଥିବା ମୁଣ୍ଡକୁ ପୁଣିଥରେ ଲଗାଇଦେଇ ତାଙ୍କର କ୍ଷତକୁ ଠିକ୍ କରିଦେଇଥିଲେ। ଆଉ ତାଙ୍କୁ ଶିବଲିଙ୍ଗ ନେଇ ଯିବାକୁ ଅନୁମତି ମଧ୍ୟ ଦେଇଥିଲେ। ରାବଣ ଶିବଲିଙ୍ଗକୁ କାନ୍ଧରେ ଧରି ବହୁତ ବାଟ ଅତିକ୍ରମ କରି ଗଲେ। କିନ୍ତୁ ଝାଡ଼ଖଣ୍ଡର ଏହି ସ୍ଥାନରେ ରାବଣଙ୍କୁ ଟିକେ ଅସହଜ ଲାଗିବାରୁ ସେ ଅନ୍ୟମନସ୍କ ହୋଇ ଶିବଲିଙ୍ଗକୁ କିଛି ସମୟ ପାଇଁ ଭୂମିରେ ରଖିଦେଲେ। ବାସ୍ ତା'ପରେ ସେ ଯେତେ ଚେଷ୍ଟା କଲେ ବି ଶିବଲିଙ୍ଗକୁ ଆଉ ଉଠାଇପାରିଲେ ନାହିଁ। ନିରାଶ ହୋଇ ସିଏ ନିଜ ରାଜ୍ୟକୁ ଫେରିଗଲେ। ସେବେଠାରୁ ଉକ୍ତ ଶିବଲିଙ୍ଗଟି ସେଠାରେ ରହିଲା। ଆଉ ସମୟକ୍ରମେ ତାହା ଲୋକଲୋଚନକୁ ଆସିବା ପରେ ସେଠାରେ ପ୍ରଭୂଙ୍କର ଏକ ଭବ୍ୟ ମନ୍ଦିର ଗଢାଯିବା ସହ ଲୋକମୁଖରେ ତାହା ବୈଦ୍ୟନାଥ ଜ୍ୟୋତିର୍ଲିଙ୍ଗ ମନ୍ଦିର ଭାବେ ପରିଚିତି ପାଇବାକୁ ଲାଗିଲା। ବୈଦ୍ୟନାଥ ଏଇଥିପାଇଁ କାରଣ, ରାବଣଙ୍କର କଟିଯାଇଥିବା ମୁଣ୍ଡକୁ ପ୍ରଭୁ ଜଣେ ବୈଦ୍ୟ ବା ଚିକିତ୍ସକ ହୋଇ ପୁଣିଥରେ ଠିକ୍ କରିଦେଇଥିଲେ ବୋଲି ତାଙ୍କର ଏପରି ନାମକରଣ ହୋଇଥିଲା।

### ମନ୍ଦିରର ଗଠନଶୈଳୀ

ବାବା ବୈଦ୍ୟନାଥଙ୍କର ଏହି ମନ୍ଦିରରେ କେବଳ ଦେବ ଦେବ ମହାଦେବ ପୂଜା ପାଇଥାନ୍ତି ତାହା ନୁହେଁ ଦେବୀ ପାର୍ବତୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ମନ୍ଦିରର ବ୍ୟବସ୍ଥା ଏଠାରେ ରହିଛି। ତା'ଛଡ଼ା ସବୁଠାରୁ ବଡ଼ ଆକର୍ଷଣ ହେଉଛି ବାବା ବୈଦ୍ୟନାଥଙ୍କର ମନ୍ଦିରର ଚୁଡ଼ାରୁ ମାତା ପାର୍ବତୀଙ୍କ ମନ୍ଦିରର ଚୁଡ଼ା ପର୍ଯ୍ୟନ୍ତ ନାଲି ରଙ୍ଗର ମେଞ୍ଚାଏ ସୁତା ବନ୍ଧାଯାଇଥାଏ। ଏହା ସେମାନଙ୍କର ଏକତ୍ୱ ଭାବନାକୁ ବୁଝାଇବା ସହ ଶିବଶକ୍ତିଙ୍କ ଭିତରେ ଥିବା ଅପୂର୍ବ ତଥା ମହାନ୍ ସମ୍ପର୍କକୁ ଭକ୍ତଗଣଙ୍କୁ ଜଣାଇଥାଏ। ତା'ଛଡ଼ା ଏହି ମନ୍ଦିରରେ ମୁଖ୍ୟତଃ ପେଡା ଭୋଗ କରାଯିବାର ଏକ ବିଧି ଦେଖିବାକୁ ମିଳିଥାଏ। କହିବାକୁ ଗଲେ ପେଡା ହେଉଛି ବାବା ବୈଦ୍ୟନାଥଙ୍କର ଏକ ମୁଖ୍ୟ ପ୍ରସାଦ। ସେଥିପାଇଁ ଏହି ମନ୍ଦିର ନିକଟରେ ଅନେକ ପେଡା ଦୋକାନ ଥିବାର ଦେଖିବାକୁ ମିଳିଥାଏ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ଖାସ୍ କରି ମହାଶିବରାତ୍ରୀ ଓ ଶ୍ରାବଣ ମାସରେ ଏଠାକୁ ଗଲେ ମନ୍ଦିରର ତଥା ପ୍ରଭୂଙ୍କର ଅପୂର୍ବ ସାଜସୃଙ୍ଗାର ଦେଖିବାର ସୁଯୋଗ ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଜସିଡିହ ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ଏକ ମୁଖ୍ୟ ତଥା ନିକଟବର୍ତ୍ତୀ ରେଳଷ୍ଟେଶନ, ଯାହା ବୈଦ୍ୟନାଥ ମନ୍ଦିରଠାରୁ ମାତ୍ର ୭ କି.ମି ଦୂରରେ ଅବସ୍ଥିତ।









# ବାଦଲ ଭିତରେ ଯାଉଛି ରେଳ



ଏମିତି ଅନେକ ରେଳପଥ ଅଛି ଯାହା ତାର ସୌନ୍ଦର୍ଯ୍ୟ ପାଇଁ ବେଶ୍ ଚର୍ଚ୍ଚିତ ଥାଏ । ସେଥିମଧ୍ୟରେ ଗୋଟିଏ ହେଉଛି ଆର୍ଜେଣ୍ଟିନାର ସାଲ୍ଟା ରେଳପଥ । ଏହି ରେଳପଥର ବିଶେଷତ୍ୱ ହେଉଛି ଯେ, ଏହା ସବୁଠାରୁ ଉଚ୍ଚତମ ରେଳପଥ ମଧ୍ୟରେ ଅନ୍ୟତମ । ଆଉ ଏହା ବାଦଲ ମଧ୍ୟ ଦେଇ ଯାଇଥାଏ । ଅର୍ଥାତ୍ ଯେଉଁମାନେ ଏହି ରେଳମାର୍ଗ ଦେଇ ଯାଆନ୍ତି ସେମାନେ ବାଦଲ ଭିତର ଦେଇ ଯାତ୍ରା କରନ୍ତି । ଫଳରେ ଯାତ୍ରା ବେଶ୍ ରୋମାଞ୍ଚକର ଲାଗେ । ଘନ ବାଦଲକୁ ଚିରି ଗଲାବେଳେ ତ ଭିନ୍ନ ଏକ ଦୁନିଆକୁ ଆସିଗଲା ପରି ଅନୁଭୂତ ହୁଏ । ସମୁଦ୍ର ପତନଠାରୁ ଏହି ରେଳମାର୍ଗ ୪୦୦୦ ମିଟର ଉଚ୍ଚତାରେ ଅଛି । ଆଉ ଏହା ଆଣ୍ଡିଜ ପର୍ବତମାଳା ମଧ୍ୟ ଦେଇ ଯାଇଛି । ଏହି ରେଳପଥ ଦେଇ ଗୋଟିଏ ଟ୍ରେନ ଯାଏ, ଯାହାର ନାମ ହେଉଛି 'ଟ୍ରେନ ଟୁ ଦ କ୍ଲାଉଡ' । ଯାତ୍ରୀମାନେ ଏହି ଟ୍ରେନରେ ଘନ ବାଦଲକୁ ଚିରି ଯାତ୍ରା କଲାବେଳେ ଏକ ସ୍ୱର୍ଗୀୟ ଅନୁଭୂତି ପାଇଥାନ୍ତି । ୨୧୭ କି.ମି.ର ଏହି ରେଳମାର୍ଗକୁ ଅତିକ୍ରମ କରିବା ଲାଗି ୧୬ ଘଣ୍ଟା ସମୟ ଲାଗିଥାଏ । ଏହି ରେଳମାର୍ଗରେ ୨୯ଟି ପୋଲ, ୨୧ଟି ଟନେଲ୍ ରହିଛି । ୧୯୨୦ରେ ଉକ୍ତ ରେଳମାର୍ଗର ନିର୍ମାଣ ହୋଇଥିଲା । ଏହି ପ୍ରୋଜେକ୍ଟର ମୁଖ୍ୟ ଥିଲେ ଆମେରିକାର ଇଞ୍ଜିନିୟର ରିଚାର୍ଡ ଫୋଣ୍ଟେନ ମରେ । ପ୍ରତିବର୍ଷ ଅନେକ ପର୍ଯ୍ୟଟକ ଆସନ୍ତି ଏହି ରେଳମାର୍ଗରେ ଯାତ୍ରା କରିବାର ମଜା ଉଠାଇବା ଲାଗି ।

## କାର୍ଟୁନ କର୍ନର



# ନିଶାର ଖେଳ



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା



ଗାଲାକାଲି ରାତିରେ ସପନରେ ଦେଖିଲି ପୁଲିସବାବୁ ଦୋଷୀ ଭାବି ଜଣକୁ ଧରିକି ଜେରା କରୁଛନ୍ତି । ଭୟ ଦେଖେଇ ପିଟି ପିଟି ପଚାରୁଛନ୍ତି... ସତ କହ, କିଏ ମହାପ୍ରଭୁଙ୍କର ଏତେଗୁଡ଼େ ଚୁଲା ଭାଙ୍ଗିଲା ?
ତୁ ଭାଙ୍ଗିଛୁ । ତୋ ଛଡ଼ା ଆଉ କାହାକୁ ସେଠି ବୁଲିବାର ମୁଁ ଦେଖିନି ।

ପୁଲିସିଆ ଠେଙ୍ଗେଣି ନାଲି ଆଖି ସାଙ୍ଗକୁ ନିଶୁଆ ମୁହଁର ଗର୍ଜନରେ ବିଚରା ଲୋକଟା, ‘‘ସାରେ ! ଏତେ ଚୁଲା ସେଇ ଭାଙ୍ଗିଛନ୍ତି, ଯିଏ ଦିନେ ମା’ ଲକ୍ଷ୍ମୀଙ୍କ ଆଦେଶ ପାଳି ସମସ୍ତେ ଶୟନରତ ଥିଲାବେଳେ ସଭିଙ୍କ ଅଗୋଚରରେ ଅନ୍ଧାରି ବିଜେକରି ଆମ ମହାପୁରୁ ଦି’ ଜଣଙ୍କୁ ଦଉଡ଼ିଆ ଖଟିଆରେ ଗଡ଼େଇ ପଲଙ୍କ ଓ୍ଵଗେର ବୋହିନେଇ ରୋଷେଇଶାଳରେ ପଶି ସବୁ ଖାଇ ହାଣ୍ଡିକୁଣ୍ଡେଇ ଭାଙ୍ଗି ପକେଇଥିଲେ । ସେତେବେଳେ ଏମିତି ନାରଖାରିଆ କାମ କିଏ କଲା ବୋଲି ମହାପ୍ରଭୁ କ’ଣ କୋଉ ଥାନାରେ ଯାଇ ଏତେଲା ଦେଇଥିଲେ ? ନା କୋଉ ଦୋଷୀ ଧରାପଡ଼ି ଜେଲ ଜରିମାନା ଦଣ୍ଡ ପାଇଲେ ? କିଛି ନାହିଁ । ବରଂ ମହାପ୍ରଭୁ ଚୁପ୍ ରହି ଢେର ଦିନ ଏଣେ ତେଣେ ଭୋକ ଉପାସରେ ବୁଲି ଭାରି କଲବଲ ହେଲେ ।’’
ଆପଣ ସେମିତି ମତେ ଏତେ ଜେରା ନ କରି ଚୁପ୍ ରୁହନ୍ତୁ । ଆପଣ ମତେ କାହିଁ ଧରୁଛନ୍ତି ? ବରଂ ଏସବୁ କିଏ କେମିତି କେତେବେଳେ କଲା ଆପଣ ସବୁ ଠିକ ଜାଣିଛନ୍ତି । ସେତେବେଳେ ସିନା ଠୋସ ପ୍ରମାଣ ନ ଥିଲା, ହେଲେ ଏବେପରା ସିସି କ୍ୟାମେରା ସବୁ ଦେଖୁଚି.. ସତ କହୁଛି । ଅଯଥାରେ ମତେ ଧରି କାହିଁ କଲବଲ କରୁଛନ୍ତି କହିଲେ ?

ଭଲ କି ଆଉ ଦି’ ପାହାରେ ଖୁଆଇ ପୁଲିସି କହିଲେ ମତେ ଆଉ ସେ ଦିବ୍ୟଜ୍ଞାନ ନ ଦେଇ ଅଧିକ ପାଠ ନ ପଢ଼େଇ ସିଧା ସିଧା ମାନିଯା । ନ ହେଲ ଏ ରୁଲ୍ ବାଡ଼ିରେ ବାଡ଼େଇ ଭୀମସେନ ଦୁର୍ଯ୍ୟୋଧନର ଜାନୁ ଭଗ୍ନ କଲାଭଳି କରିଦେବି । ତତେ ନାକରୁ ଅଦାରସ ନିଗାଡ଼ି ହାଜତ ଭିତରେ ପୂରେଇଦେବି । ତୋ ଇଜ୍ଜତ ମହତ ସାରିଦେବି । ବୁଝିଲୁ ?

ବିଚରା ଲୋକଟା କହିଲା ସାରେ ! ସତ କହୁଛି ମୁଁ ଏସବୁ କରିନି । ଭାବୁଛି ସେଇ ‘ବେତାଳ’ ସବୁ କରିଛି । ପୁଲିସି ପୁଣି ପିଟି କହିଲା ତୁ କ’ଣ ମତେ ବୋକା ଭାବିଛୁ ? ହଇରେ ! କୋଉ ବେତାଳ ?

ଲୋକଟା ଥରି ଥରି କହିଲା –ଯାହାର ତାଳ ନାହିଁ ସେଇ ବେତାଳ ; ଯାହାକୁ ଆମେ ନିଶା କହୁ । ସେଇ ନିଶା ବେତାଳ ଯାହାଠି ପଶିଲା,.ତା’ର ସବୁ ତାଳଗୁଡ଼ାକ ବେତାଳିଆ ହୋଇଯାଏ । କଥା, କାମ, ଚାଲି ବୋଲି ସବୁ ବେତାଳ । ଯେମିତି ଅର୍ଥ ନିଶାରେ ଡାକ୍ତର ଗରଭିଣୀର ଗର୍ଭ ଭାଙ୍ଗନ୍ତି, କଣ୍ଟ୍ରାକ୍ଟର ଖଇଚା କାମକରି ରାସ୍ତା ପୋଲ ଭାଙ୍ଗନ୍ତି, ତ କିଏ କ୍ଷମତା ନିଶାରେ ଦଳ ଭାଙ୍ଗନ୍ତି ତ କିଏ ଦେଶ ଭାଙ୍ଗନ୍ତି । କିଏ ବାହାଦୁରି ନିଶାରେ ଐତିହ୍ୟ ପରମ୍ପରା ଭାଙ୍ଗନ୍ତି ତ କିଏ ଅହଂକାର ନିଶାରେ ପ୍ରେମ ସମ୍ପର୍କ ଭାଙ୍ଗନ୍ତି । କୋଉଠି ସ୍ଥିର ମନକୁ ଥରୁଥିବା ମନଥରା –ମନ୍ଥରା ପର ଘର ଭାଙ୍ଗନ୍ତି ତ କୋଉଠି ମାତାଲିଆ ନିଶା ପେଟରେ ପଶି ଘରଣୀ ହାତର ଚୁଡ଼ି ଭାଙ୍ଗୁଛନ୍ତି । ଏମିତି କି ଉତ୍ତରପ୍ରଦେଶରେ ବୁଲଡୋଜର ମାଫିଆଙ୍କ ବଡ଼ ବଡ଼ କୋଠା ଭାଙ୍ଗୁଛି ତ ବଡ଼ପଣ କ୍ଷମତା ନିଶା ଆଫଗାନରେ ତାଲିବାନ ଅବା ୟୁକ୍ରେନରେ ରୁଷିଆ ସବୁ ଭାଙ୍ଗିପକଉଛି । ପୁଣି ଆନ୍ଧ୍ରା ଆସି ଓଡ଼ିଶା ସୀମାରେ ପଶି କୁଟୁ କୁଟୁ କରି କୁଟିଆକୁ ଭାଙ୍ଗି ତା’ ରାଇଜରେ ମିଶେଇ ନୂଆ ଜିଲା କରିବାର ବାହାଦୁରି ନେଉଛି ତ ଚାଇନା ପଡ଼ୋଶୀ ଦେଶକୁ ଭାଙ୍ଗିଦବ ବୋଲି ଧମକ ଦଉଛି । ଏମିତି ନିଶା ବେତାଳ ସବୁଆଡ଼େ ଭଙ୍ଗା ଭଙ୍ଗି କାମ ଚଳେଇଛି ।

ସାରେ ! ମୁଁ ସାଧାରଣ ମାଙ୍କଡପରି ମଣିଷଟେ । ମୁଁ କୋଉ ହନୁମାନ ପରି ବଳବାନ ହେଇଛି ଯେ ଲଙ୍କା ଛାରଖାର କଲା ବାଗିଆ ରାତାରାତି ଏଡ଼େ ବଡ଼ ଦେଉଳ ଭିତରେ ପଶି ଏଡ଼େବଡ଼ ଠାକୁରଙ୍କର ଏଡ଼େବଡ଼ ତାଲା ଭାଙ୍ଗି ଏତେଗୁଡ଼ାଏ ଚୁଲା ଭାଙ୍ଗିପାରିବି... କହିଲେ ?

ଏସବୁ ନିଶା ବେତାଳ କରାମତି / ସବୁ ଅସମ୍ଭବକୁ ସମ୍ଭବ କରାନ୍ତି । ସିଏ ଯାହା ଭିତରେ ପଶେ / ଖାଲି ଚୁଲା ନୁହଁ ସାରା ସଂସାରକୁ ନାଶେ । ସେ ଚଉକି ନିଶା ହଉ କି ଅର୍ଥ ଅହଂକାର ନିଶା ହେଉ... ଖାଣ୍ଟି ମଣିଷ ନିଶା ଠୁ ଦୂରେଇ ରହୁ । ହେଇ ସିଆଡ଼କୁ ଅନାନ୍ତୁ – ସବୁ ଭାଙ୍ଗି ଭୁଙ୍ଗି ପକେଇବାକୁ କେମିତି ମହାପ୍ରଳୟ ମାଡିଆସୁଛି ।

ପୁଲିସି ବାବୁ ସେପଟକୁ ଚାହୁଁ ଚାହୁଁ ଲୋକଟା ଏକବାରେ ଛୁ... ।

ସକାଳୁ ନିଦ ମଳମଳ ଆଖିରେ ବାହାରେ ଶବ୍ଦ ଶୁଣି ଆସି ଦେଖିଲି ନଟିଆ କବାଡିଆ କିଛି ଭଙ୍ଗା ଟିଣ ଆଉ ବୋତଲ ଭାଙ୍ଗୁଛି । ପଚାରିବାରୁ କହିଲା.. ଏଇ ନିଶା ବୋତଲ ଆଉ ଭଙ୍ଗା ଜିନିଷ ବିକି ମୁଁ ମୋ ଭୋକିଲା ପିଲାଙ୍କ ପେଟ ପୋଷୁଛି....।

*–ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଅପହୃତ ବିବେକ

**ଲେଖକ–ଗୋଲକ ଚନ୍ଦ୍ର ଦଳାଇ**
**ପ୍ରକାଶକ–କାବ୍ୟଲୋକ, ଭୁବନେଶ୍ୱର**
**ମୂଲ୍ୟ–୧୫୦ଟଙ୍କା**


ଅପହୃତ ବିବେକ ଗୋଲକ ଚନ୍ଦ୍ର ଦଳାଇଙ୍କ ୨୯ଟି ସ୍ତମ୍ଭକୁ ନେଇ ପ୍ରସ୍ତୁତ ପୁସ୍ତକ । ଏଥିରେ କଳା ଯାଦୁକରରୁ ଆରମ୍ଭ କରି କୁକୁର ପ୍ରତି ସାବଧାନ ସ୍ଥାନିତ ହୋଇଛି । ବିଭିନ୍ନ ଘଟଣାବଳୀ ଉପରେ ପର୍ଯ୍ୟବସିତ ତାଙ୍କର ଲଳିତ ନିବନ୍ଧଗୁଡ଼ିକ ବେଶ୍ ଆବେଗପୂର୍ଣ୍ଣ ଓ ବାର୍ତ୍ତାବହନକାରୀ । ଲେଖକ ସମାଜରେ ଘଟୁଥିବା ଅନ୍ୟାୟ, ଅତ୍ୟାଚାର ଓ ମଣିଷର ବିବେକହୀନତା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତି ତାଙ୍କ ସ୍ତମ୍ଭ ମାଧ୍ୟମରେ । ଗ୍ରନ୍ଥରେ ସ୍ଥାନିତ ନିବନ୍ଧଗୁଡ଼ିକ ପାଠକଲେ ମିଳିବ ଦୈନନ୍ଦିନ ସମାଜରେ ଘଟୁଥିବା ବିଭିନ୍ନ ଘଟଣାର ଚିତ୍ର । ସମାଜରେ ସଂଘଟିତ ହେଉଥିବା ବହୁ ଘଟଣା, ଅଘଟଣାର ନିରପେକ୍ଷ ଉଚ୍ଚାରଣ, ସତ୍ୟକୁ ସ୍ପର୍ଶ କରିବାର ଅଦମ୍ୟ ଅଭିଳାଷ ଓ ଆଲୋକ ଅନ୍ତରାଳର କଳାଛାୟାକୁ ସୂକ୍ଷ୍ମଭାବେ ନିରୀକ୍ଷଣ କରିବାର ପ୍ରବଣତା ହିଁ ଏହି ପୁସ୍ତକର ଅନ୍ତଃସ୍ୱର । ଲେଖକଙ୍କ ପ୍ରଚେଷ୍ଟା ପାଠକଙ୍କ ଚେତନାକୁ ଛୁଇଁପାରିବ ବୋଲି ଆଶା ।




### ସ୍ୱପ୍ନ ଶତଦଳ

**ଲେଖକ– ରଞ୍ଜନ କୁମାର ଦାସ**
**ପ୍ରକାଶକ–ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର**
**ମୂଲ୍ୟ–୨୭୫ଟଙ୍କା**

ବିଶିଷ୍ଟ କବି ରଞ୍ଜନ କୁମାର ଦାସଙ୍କ କବିତା ସଂକଳନ ସ୍ୱପ୍ନ ଶତଦଳ । ଏଥିରେ ୯୯ଟି କବିତା ସ୍ଥାନିତ ହୋଇଛି । ଏଥିରେ ପ୍ରଥମ କବିତା କୂଅଓଝଳା ଥିବା ବେଳେ ଶେଷଟି କାଶ୍ମୀର ରହିଛି । ଏଥିରେ ଯେଉଁ କବିତାଗୁଡ଼ିକୁ କବି ଶତଦଳ ଭାବେ ବାଛିଛନ୍ତି ତାହା ଚମତ୍କାର ଆଉ ହୃଦୟସ୍ପର୍ଶୀ । ଯେମିତି ‘ଆତ୍ମନେପଦୀ’ ଏ ଦୃଶ୍ୟ ଆଉ ଦେଖି ହେଉନାହିଁ/ପାରିବ ଯଦି ଅନ୍ଧ କରିଦିଅ/ଅବଶିଷ୍ଟ ଜୀବନ ପାଇଁ! ଏ କୋଳାହଳ ଆଉ ଶୁଣି ହେଉନାହିଁ/ପାରିବ ଯଦି ବଧିର କରିଦିଅ/ ଅବଶିଷ୍ଟ ଆୟୁଷ ପାଇଁ ! ଏ ଯେଉଁ ସାମାଜିକ ଅବକ୍ଷୟ ଆଉ ଅଘଟଣ କଥା କବିଙ୍କ କବିତାରେ ପ୍ରତିଫଳିତ ହେଉଛି ତାହା ଅତ୍ୟନ୍ତ ଭାବଦ୍ୟୋତକ । କବିତାଗୁଡ଼ିକରେ ପ୍ରେମ, ପ୍ରଣୟ, ମାନବିକ ସଂଘର୍ଷ, ସଂଘାତ, ଦ୍ୱିଧା, ଦ୍ୱେଷ, ଦ୍ୱନ୍ଦ୍ୱ ଓ ଦହନକୁ ନିଜସ୍ୱ ସ୍ୱତନ୍ତ୍ର ଢଙ୍ଗରେ ପ୍ରକଟିତ କରି କବି ପାଠକଙ୍କୁ ଦେଇ ଚାଲିଛନ୍ତି ଏକ ନିଆରା କାବ୍ୟ ଅନୁଭୂତି । ସେଇ ଅନୁଭୂତିର ଏ ‘ସ୍ୱପ୍ନ ଶତଦଳ’ । ପୁସ୍ତକଟି ନିଶ୍ଚୟ ପାଠକଙ୍କ ମଧ୍ୟରେ ରଙ୍କରତ୍ନ ସାବ୍ୟସ୍ତ ହେବ ।




### ବାଇଶି ପାହାଚ

**ଏକ ତାତ୍ତ୍ୱିକ ଅନୁଶୀଳନ**
**ଲେଖକ–ଡକ୍ଟର ମଥୁରେନ୍ଦ୍ର ପୃଷ୍ଟି**
**ପ୍ରକାଶିକା–ବନଲତା ପୃଷ୍ଟି, ଭୁବନେଶ୍ୱର**
**ମୂଲ୍ୟ –୩୦୦ଟଙ୍କା**

ବାଇଶି ପାହାଚ:ଏକ ତାତ୍ତ୍ୱିକ ଅନୁଶୀଳନ ପୁସ୍ତକର ରଚୟିତା ହେଉଛନ୍ତି ଡ.ମଥୁରେନ୍ଦ୍ର ପୃଷ୍ଟି । ପୁସ୍ତକର ପ୍ରଥମ ଭାଗରେ ଜଗନ୍ନାଥଙ୍କ ତତ୍ତ୍ୱ ଓ ସ୍ଥାପତ୍ୟର ପୃଷ୍ଠଭୂମି, ଶ୍ରୀମନ୍ଦିର ନିର୍ମାଣର ଇତିହାସ, ସୁରକ୍ଷା ବଳୟର ବୈଦିକ ଧାରା, ସିଂହଦ୍ୱାର ନିର୍ମାଣର ଶୈଳୀ ଓ ମାହାତ୍ମ୍ୟ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି । ସେହିପରି ଦ୍ୱିତୀୟ ଭାଗରେ ଯଯାତି କେଶରୀଙ୍କ ଦଶାଶ୍ୱମେଧ ଘାଟ ବାଇଶି ପାହାଚର ମାହାତ୍ମ୍ୟ, ଲିଙ୍ଗରାଜ ମନ୍ଦିରର ବାଇଶି ପାହାଚ, ଯବନ ଆକ୍ରମଣରେ ବାଇଶି ପାହାଚ, ଶାକ୍ତ ତତ୍ତ୍ୱରେ ବାଇଶି ପାହାଚ ଆଦି ଭାକ୍ତିକ ତଥ୍ୟାବଳୀକୁ ଉପସ୍ଥାପନା କରି ପାଠକ ବର୍ଗଙ୍କ ପାଖରେ ଏକ ନବଦିଗନ୍ତ ବିସ୍ତାରୀ ପ୍ରସଙ୍ଗର ଅବତାରଣା କରି ଉଦାହରଣ ସାଜିଛନ୍ତି ଲେଖକ । ପୁରାଣ ଇତିହାସ ଓ ଧର୍ମଶାସ୍ତ୍ର ବିଭବର ଅଙ୍ଗ ସ୍ପର୍ଶକରି ଲେଖକ ନୂତନ ଦ୍ୟୋତନାର ପଥପ୍ରଦର୍ଶନ କରିଛନ୍ତି । ପୁସ୍ତକଟି ଷୋଳକଳାରେ ପରିପୂର୍ଣ୍ଣ ଏକ ଅମୂଲ୍ୟ ସାଂସ୍କୃତିକ ବିଭବ ହୋଇ ରହିବ ଏଥିରେ ସନ୍ଦେହ ନାହିଁ ।



ବ୍ୟାକ୍ ପେଜ୍

# ଅଦୃଶ୍ୟ ଘର

ଘର ଅନେକଙ୍କ ପାଇଁ ରହିବା ଲାଗି ନିରାପଦ ସ୍ଥଳଟିଏ ହୋଇପାରେ। ହେଲେ କିଛି ଲୋକଙ୍କ ପାଇଁ ଏହା ଷ୍ଟାଟସ୍‌ର ପ୍ରତୀକ ବି ହୋଇଥାଏ। ଆଉ କେହି କେହି ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ଓ ଚର୍ଚ୍ଚାରେ ରହିବା ଲାଗି ଭିନ୍ନ ତଥା ଅଜବ ଡିଜାଇନ୍‌ର ଘର ତିଆରି କରିଥାନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି ଲଣ୍ଡନ, ରିଚମଣ୍ଡରେ ଥିବା ଏକ ଘର। ଏଇ ଘରଟି ରାସ୍ତା କଡରେ ରହିଛି। ହେଲେ ସେଇ ବାଟ ଦେଇ ଗଲାବେଳେ ଲୋକେ ଏହାକୁ ଦେଖି ପାରନ୍ତି ନାହିଁ। କାରଣ ଏକ ଅଦୃଶ୍ୟ ଘର ଅଟେ। ତେବେ ପ୍ରକୃତ କଥା ହେଉଛି ଏହି ଘରର ବାହାର ପଟ ବଡ ବଡ ଦର୍ପଣରେ ତିଆରି। ତେଣୁ ଏହାକୁ ବାହାର ଲୋକେ ହଠାତ୍ ଦେଖି ପାରନ୍ତି



ନାହିଁ। ହେଲେ ଘର ଭିତରେ ଥିବା ଲୋକ ବାହାର ଲୋକଙ୍କୁ ବେଶ୍ ଭଲ ଭାବେ ଦେଖିପାରନ୍ତି। ଏହି ଘରକୁ ଡିଜାଇନ୍ କରିଛନ୍ତି ଆର୍କିଟେକ୍ଟ ଆଲେକ୍ସ ହ’।





# ମହିଳା ବଜାର

ଆଜିକାଲି ମହିଳା ସବୁ କ୍ଷେତ୍ରରେ ଆଗକୁ ଆସିପାରିଛନ୍ତି। ନିଜ ସାମର୍ଥ୍ୟକୁ ଦେଖାଇପାରିଛନ୍ତି। ଘର ଚଳାଇବାଠାରୁ ଆରମ୍ଭ କରି ପୁରଷ ପ୍ରଧାନ କାମ କରିବାକୁ ବି ସେ ପଛାଇ ନାହିଁ। ଏବେ ଆମେ ଆପଣଙ୍କୁ ଏମିତି ଏକ ସହର ବିଷୟରେ କହିବୁ ଯେଉଁଠାରେ ଥିବା ଏକ ବଜାର ସମ୍ପୂର୍ଣ୍ଣଭାବେ ମହିଳାଙ୍କ ଦ୍ୱାରା ପରିଚାଳିତ। ଏହି ବଜାରରେ କୌଣସି ପୁରୁଷ କାମ କରନ୍ତି ନାହିଁ। ପ୍ରତିଟି ଦୋକାନ ମହିଳାମାନେ ଚଳାଉଛନ୍ତି। ଏହି ବଜାର ମଣିପୁରର ରାଜଧାନୀ ଇମ୍ଫାଲରେ ଅଛି, ଯାହାର ନାମ ‘ଇମା ମାର୍କେଟ’ ବା ‘ମଦର୍ସ ମାର୍କେଟ’। ଏହି ବଜାରଟି ମହିଳାଙ୍କ ଦ୍ୱାରା ପରିଚାଳିତ ଏସିଆର ସବୁଠାରୁ ବଡ ବଜାର ଅଟେ। ଉକ୍ତ ବଜାରରେ ୬୦୦୦ରୁ ଊର୍ଦ୍ଧ୍ୱ ମହିଳା ଦୋକାନ କରି ବିଭିନ୍ନ ପ୍ରକାରର ଜିନିଷ ବିକ୍ରି କରିଥାନ୍ତି। ଏହି ବଜାରକୁ ସ୍ଥାନୀୟ ଭାଷାରେ ‘ଖୈରବନ୍ଦ ବଜାର’ବା ‘ନୁପି କୈଥଲ’ ବି କୁହାଯାଏ। ଏଠାରେ ଅନେକ ମହିଳା ଅନେକ ପିଢି ଧରି ଦୋକାନ ଚଳାଇ ଆସୁଛନ୍ତି। ଏଠାରେ ଖେଳଣା, ପୋଷାକଠାରୁ ଆରମ୍ଭ କରି ହାଣ୍ଡିକ୍ରାଫ୍ଟ ସାମଗ୍ରୀ, ବିଉଟି ପ୍ରଡକ୍ଟ, ଖାଇବା ସାମଗ୍ରୀ, ମସଲା, ପନିପରିବା, ମାଛ ମାଂସ, ଘରକରଣା ସାମଗ୍ରୀ ଆଦି ବିଭିନ୍ନ ପ୍ରକାରର ଜିନିଷ ବିକ୍ରି ହେଇଥାଏ। ଏଠାରେ ପୁରୁଷଙ୍କର କିଛି ଅବଦାନ ନ ଥାଏ। ପ୍ରଥମେ ଏହି ବଜାର ଅସ୍ଥାୟୀ ଶେଡ୍ ଲଗାଇ ଚାଲି ଥିଲା। କିନ୍ତୁ ପରେ ଇମ୍ଫାଲ ମ୍ୟୁନିସିପାଲ କାଉନ୍ସିଲ ୪ ମହଲା ବିଶିଷ୍ଟ ଭବନ ତିଆରି କରିଦେଲେ। ଏବେ ସବୁ ଦୋକାନ ଏହି ଭବନ ଭିତରେ ଚାଲିଛି। ୧୯୪୮-୫୨ ଭିତରେ କିଛି ଲୋକ ଏହି ବଜାର ଖାଲି କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ମହିଳାମାନେ ଏହା ହେବାକୁ ଦେଇ ନ ଥିଲେ। ସାଧାରଣତଃ ବିଧବା, ପରିବାରରେ ଏକୁଟିଆ ରହିଯାଇଥିବା ମହିଳା, ତଥା ଅଭାବ ଅନଟନରେ ଥିବା ଅସହାୟ ମହିଳାଙ୍କୁ ଉକ୍ତ ବଜାରରେ ଦୋକାନ ଆବଣ୍ଟିତ କରାଯାଇଥାଏ। ଏଠାରେ ମହିଳା ଦୋକାନୀମାନେ ପାରମ୍ପରିକ ପୋଷାକରେ ନଜର ଆସିଥାନ୍ତି। କୁହାଯାଏ ଏହି ବଜାର ୫୦୦ ବର୍ଷ ପୁରୁଣା ଅଟେ।











# ଲମ୍ବା ପେପର୍ କ୍ଲିପ୍ ଚେନ୍

ନର୍ଦ୍ଦେନ ଆର୍ୟଲାଣ୍ଡ, ବେଲଫାଷ୍ଟର ବେନ ମୁନିଙ୍କର ରେକର୍ଡ କରିବାର ନିଶା ଏତେ ଥିଲା ଯେ, ୯ ବର୍ଷ ବୟସରେ ସେ ସବୁଠାରୁ ଲମ୍ବା ପେପର୍ କ୍ଲିପ୍ ଚେନ୍ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆଉ ହଜାର ହଜାର ପେପର୍ କ୍ଲିପ ଆଣି ଘଣ୍ଟା ଘଣ୍ଟା ସମୟ ବିତାଇ ପେପର୍ କ୍ଲିପ୍‌କୁ ଯୋଡି ଚେନ୍ ତିଆରି କରିବା ଆରମ୍ଭ କଲେ। ସ୍କୁଲରୁ ଫେରିବା ପରେ ଓ ୱିକେଣ୍ଡରେ ସେ ଏହି କାମ ପାଇଁ କିଛି ଘଣ୍ଟା ସମୟ ଦେଉଥିଲେ। ଏମିତିକି ଟିଭି ଦେଖିବା ସମୟରେ ବି ସେ ପେପର୍ କ୍ଲିପ୍ ଜଏଣ୍ଟ କରି ଚେନ୍ କରୁଥିଲେ। ପ୍ରଥମେ ପ୍ରଥମେ ସେ ତିଆରି କରୁଥିବା ଚେନ୍‌କୁ ଝରକାରେ ପରଦା ଭଳି ଝୁଲାଇ ରଖୁଥିଲେ। କିନ୍ତୁ ଏହାର ଲମ୍ବ ଅଧିକ ହେବା ପରେ କ୍ଲଥ ରେଲ୍ କିଣି ଚେନ୍‌କୁ ଝୁଲାଇ ରଖିଲେ। ତଥାପି ସେ ଚେନ୍ ତିଆରି ବନ୍ଦ କରି ନ ଥିଲେ। ଆଉ ଶେଷରେ ୧,୯୯୭.୯ ମିଟର ଲମ୍ବା ପେପର୍ କ୍ଲିପ୍ ଚେନ୍ ତିଆରି କରି ସେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ।